# ଓମାନରେ ନିର୍ମାଣାଧୀନ ଛାତ ଭୁଶୁଡ଼ି ଓଡ଼ିଆ ଶ୍ରମିକ ମୃତ





ରାଜନଗର, ୯।୧୨(ସମିସ): ଗତ ରାତିରେ ସୁଦୂର ଓମାନରେ ୩ ମହଲା ବିଶିଷ୍ଟ ଛାତର ରଡ଼ ବାଇଣ୍ଡିଂ ଭୁଶୁଡ଼ି ପଡିବାରୁ ରାଜନଗର ବ୍ଲକ ଚକ୍ରଧରପୁର ଗାଁର ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ କୁରୁଣ୍ଟିଂ ପଞ୍ଚାୟତ ଚକ୍ରଧରପୁର ଗାଁର ସୁକଦେବ ସ୍ୱାଇଁଙ୍କ ସାନପୁଅ ବିପିନି ବିହାରୀ ସ୍ୱାଇଁ। ଚକ୍ରଧରପୁର ଗାଁର ଶୁକଦେବ ସ୍ୱାଇଁଙ୍କ ସାନପୁଅ ବିପିନି (୩୫ବର୍ଷ) ଓମାନରେ ଦାଦନ ଖଟୁଥିଲେ। ଦୁଇବର୍ଷ ତଳେ ଗାଁରେ କାମଧନ୍ଦା ନପାଇବାରୁ ବିପିନି ଦାଦନ ଖଟିବାକୁ ଠିକାଦାରଙ୍କ ସହାୟତାରେ ଓମାନ ଯାଇଥିଲେ। ଡିସେମ୍ବର ମାସରେ ଘରକୁ ଫେରିବା କଥା। ମାତ୍ର କମ୍ପାନୀ ଛୁଟି ନଦେବାରୁ ସେ ଫେବୃୟାରୀ ମାସରେ ଘରକୁ ଆସିଥାନ୍ତେ। ଗତ ରାତି ପ୍ରାୟ ୧୨ ଘଟିକା ସମୟରେ ଓମାନରେ ନିର୍ମାଣାଧୀନ ଏକ ୩ ମହଲା ବିଲ୍ଡିଂର ଛାତ ପଡ଼ିବା ପାଇଁ ରଡ୍ ବାଇଣ୍ଡିଂ କାମ ଚାଲିଥିଲା। କିନ୍ତୁ ବିଲ୍ଡିଂର ରଡ୍ ବାଇଣ୍ଡିଂ ଅଂଶ ସମ୍ପୂର୍ଣ୍ଣ ଭୁଶୁଡି ପଡିଥିଲା। ବିପିନି ରଡ୍ ବାଇଡିଂ ଭିତରେ ଚାପି ହୋଇ ରହିଥିଲା। କଟର ମେସିନ ସାହାଯ୍ୟରେ ରଡ୍ ଗୁଡିକ କଟାଯିବା ପରେ ବିପିନିକୁ ଉଦ୍ଧାର କରାଯାଇଥିଲା। ମାତ୍ର ସେତେବେଳକୁ ବିପିନି ମୃତ୍ୟୁବରଣ କରି ସାରିଥିଲା। ଗତକାଲି ରାତି ପ୍ରାୟ ୩ ଘଟିକା ସମୟରେ ପରିବାର ଲୋକଙ୍କ ନିକଟକୁ ସେଠାରେ ଥିବା ଅନ୍ୟ ଯୁବକମାନେ ଖବର ଦେଇଥିଲେ। ଘରେ ତାଙ୍କର ପତ୍ନୀ, ୮ବର୍ଷର ଝିଅ, ୪ ବର୍ଷର ପୁଅ ସମେତ ବାପା, ମାଆ ଅଛନ୍ତି। ବିପିନିଙ୍କ ପାଇଁ ସାରା ଗାଁରେ ଶୋକାକୂଳ ପରିବେଶ। କୁରୁଣ୍ଟିଂ ପଞ୍ଚାୟତର ସରପଞ୍ଚ ସସ୍ମିତା ମହାନ୍ତି ଓ ପୂର୍ବତନ ସରପଞ୍ଚ ରଂଜନ କୁମାର ମହାନ୍ତି ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହିତ କିପରି ମର ଶରୀର ଓମାନରୁ ଗାଁକୁ ଫେରିବ ସେ ନେଇ ସେଠାରେ ଥିବା ଅନ୍ୟ ଓଡ଼ିଆ ଯୁବକମାନଙ୍କ ସହିତ ଆଲୋଚନା ଜାରି ରଖିଛନ୍ତି।

■ ସିଆରପି, ଏମ୍‌ବିକେ, ପ୍ରାଣୀମିତ୍ରଙ୍କୁ ଦରମା ପ୍ରଦାନ ପାଇଁ ଦାବି

## ବିଧାନସଭାରେ ଦାବି ଉଠାଇଲେ ରାଜନଗର ବିଧାୟକ

ପଟ୍ଟାମୁଣ୍ଡାଇ, ୯।୧୨(ସମିସ): ସମ୍ପ୍ରତି ପଟ୍ଟାମୁଣ୍ଡାଇ, ରାଜନଗର ଅଞ୍ଚଳରେ କାର୍ଯ୍ୟରତ ଏମ୍‌ବିକେ, ସିଆରପି, ବ୍ୟାଙ୍କ ମିତ୍ର, ପ୍ରାଣୀ ମିତ୍ର ଆଦି ଦୀର୍ଘ ୯ମାସ ହେଲା ଦରମା ନପାଇ ହନ୍ତସନ୍ତ ହେଉଛନ୍ତି। ସେମାନଙ୍କୁ ଦରମା ପ୍ରଦାନ ପାଇଁ ବିଧାନସଭାରେ ଦାବି ଉଠାଇଛନ୍ତି ରାଜନଗର ବିଧାୟକ ଧ୍ରୁବ ସାହୁ। ଏ ସମ୍ପର୍କରେ ସେମାନେ ରାଜନଗର ବିଧାୟକ ଧ୍ରୁବ ସାହୁଙ୍କୁ ଭେଟି ତୁରନ୍ତ ଦରମା ପାଇବା ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ରାଜନଗର ବିଧାୟକ ଶ୍ରୀ ସାହୁ ଏହି ପ୍ରସଙ୍ଗ ବିଧାନସଭାରେ ଉତ୍ଥାପନ କରି ମହିଳା ସଶକ୍ତିକରଣ ପାଇଁ ଗତ ସରକାର ସମୟରେ ଗଠିତ ମିଶନଶକ୍ତିକୁ ପ୍ରଭାବଶାଳୀ କରିବା ପାଇଁ ଏମ୍‌ବିକେ, ସିଆରପି, ବ୍ୟାଙ୍କ ମିତ୍ର, ପ୍ରାଣୀ ମିତ୍ର ଏପରିକି ଜୀବିକା ମିଶନ ଆଦି ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ରାଜ୍ୟରେ ଗଠିତ ନୂତନ ସରକାର ମିଶନ ଶକ୍ତି ବନ୍ଦ ହେବ ନାହିଁ ବୋଲି ଘୋଷଣା କରିଥିବାବେଳେ ମିଶନଶକ୍ତିର ସହଯୋଗୀ ଏମ୍‌ବିକେ, ସିଆରପି, ବ୍ୟାଙ୍କମିତ୍ର, ପ୍ରାଣୀମିତ୍ର ଆଦି ପଦରେ ନିଯୁକ୍ତ ମହିଳା ମାନେ ଦରମା ନପାଇ ହନ୍ତସନ୍ତ ହେବା ଓ ଏଥିପାଇଁ ରାଜରାସ୍ତାରେ ଆନ୍ଦୋଳନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବିଧାୟକ ଶ୍ରୀ ସାହୁ ପ୍ରକାଶ କରି ତୁରନ୍ତ ସରକାର ଏଥିରେ ହସ୍ତକ୍ଷେପ କରି ଦରମା ପ୍ରଦାନ ପାଇଁ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

ହରିଅଙ୍କରେ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ

## କେନ୍ଦ୍ରାପଡ଼ା ପୁଲିସ୍ ଟିମ୍‌କୁ ହରାଇ ଯାଜପୁର ସେମି ଫାଇନାଲ୍‌କୁ ଉନ୍ନୀତ

ଡେରାବିଶ, ୯।୧୨(ସମିସ): ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ହରିଅଙ୍କ ହାଇସ୍କୁଲ ପଡ଼ିଆରେ ଜୟଦୁର୍ଗା ଆଥଲେଟିକ୍ ଆସୋସିଏସନ୍‌ର ୨୪ତମ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ କ୍ୱାଟର ଫାଇନାଲ୍‌ରେ ଆଜି କେନ୍ଦ୍ରାପଡ଼ା ପୁଲିସ୍ ଟିମ୍ ସହିତ ଯାଜପୁର ଟିମ୍ ପରସ୍ପରକୁ ଭେଟିଥିଲେ। ଦ୍ୱିତୀୟ କ୍ୱାଟର ଫାଇନାଲ ମ୍ୟାଚରେ ଯାଜପୁର ଟିମ୍ ୪-୨ ଗୋଲରେ କେନ୍ଦ୍ରାପଡ଼ା ପୁଲିସ୍ ଟିମ୍‌କୁ ହରାଇ ସେମ ଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ବରିଷ୍ଠ ସମାଜସେବୀ ପ୍ରଧାପକ ଅଜୟ କୁମାର ରାଉତ ମୁଖ୍ୟ ଅତିଥିଭାବେ ଯୋଗଦେଇ ମ୍ୟାଚ୍‌ର ଶୁଭାରମ୍ଭ କରିଥିଲେ। ସଭାରେ ଆସୋସିଏସନ୍‌ର ସଭାପତି ନୃସିଂହ ଚରଣ ନାୟକ ସଭାପତିତ୍ୱ କରିଥିବା ବେଳେ ସମ୍ମାନିତ ଅତିଥିଭାବେ ସମାଜସେବୀ ସୁଖଦାନନ୍ଦ ପ୍ରଧାନ, ଶିକ୍ଷାବିତ୍ ଜନ୍ମେଜୟ ଜେନା, ପ୍ରଧାପକ ପ୍ରଦୀପ ଜେନା ପ୍ରମୁଖ ଯୋଗଦେଇଥିଲେ। ଆଜି ମ୍ୟାଚର ପ୍ରଥମାର୍ଦ୍ଧରେ ଯାଜପୁର ଟିମ୍‌ର ଖେଳାଳୀମାନେ ଆକ୍ରମଣାତ୍ମକ ଢଙ୍ଗରେ ଖେଳ ପ୍ରଦର୍ଶନ କରି କେନ୍ଦ୍ରାପଡ଼ା ପୁଲିସ୍ ଟିମ୍‌କୁ ତିନୋଟି ଗୋଲ ଦେଇଥିଲେ। ପରେ ଖେଳର ଦ୍ୱିତୀୟାର୍ଦ୍ଧରେ କେନ୍ଦ୍ରାପଡ଼ା ପୁଲିସ୍ ଟିମ୍ ଦୁଇଟି ଗୋଲ ଶୁଝାଇଥିଲେ। ଶେଷ ମହୂର୍ତ୍ତରେ ଯାଜପୁର ଟିମ୍ ପୁଣି ପୁଲିସ୍ ଟିମ୍‌କୁ ଆଉ ଏକ ଗୋଲ ଦେଇ ୪-୨ ଗୋଲରେ ସେମି ଫାଇନାଲକୁ ଉନ୍ନିତ ହୋଇଥିଲେ। ବିଶ୍ୱରଞ୍ଜନ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ସେହିପରି ଅତିଥିଭାବେ ଶ୍ରୀଧର ସ୍ୱାଇଁ, ଗୋଲକ ସ୍ୱାଇଁ, ଅରୁଣ ନାୟକ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆଜିର ମ୍ୟାଚକୁ ରିଆଜ କାଦିର, ସୁଶାନ୍ତ ବିଶ୍ୱାଳ, ଅକ୍ଷୟ ହେମ୍ବ୍ରମ ଓ ସୁଶାନ୍ତ ସାହୁ ରେଫରି ଭାବେ ପରିଚାଳନା କରିଥିଲା ବେଳେ ରାମଚନ୍ଦ୍ର ସେଠୀ, ଦିଲୀପ କୁମାର ଦାସ, ଅଭୟ ମଲିକ, ଅଲେଖ ବେଜ, କୈଳାସ ଲେଙ୍କା, ବାବୁଲି ସ୍ୱାଇଁ, ଅଞ୍ଜନ ମହାନ୍ତି ଓ ଆସୋସିଏସନ୍‌ର ସମସ୍ତ ସଦସ୍ୟମାନେ ମ୍ୟାଚ ପରିଚାଳନା କରିଥିଲେ। ଆଜିର ମ୍ୟାଚରେ ଭାଷ୍ୟକାର ଭାବେ କାଳନ୍ଦି ମଲିକ ଧାରାବିବରଣୀ କରିଥିଲେ।

## ବିପିଏଲ୍ ସିଜିନ୍ ୩ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ; ବକ୍ତାରପୁର କ୍ରିକେଟ୍ କ୍ଲବ ବିଜୟୀ

ପଟ୍ଟାମୁଣ୍ଡାଇ, ୯।୧୨(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ଅଠରବାଟିଆ ଦକ୍ଷିଣେଶ୍ୱର କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଏକ ଦିବସୀୟ ବିପିଏଲ ସିଜିନ ୩ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଅଢାଖଣ୍ଡ, ଆମ୍ରେର, ଖଡିଅଣ୍ଟା, ବାଇପଦା, ମାଟିଆ, ମଙ୍ଗରାଜପୁର, କଳମଡା, ମା ମଙ୍ଗଳା କ୍ରିକେଟ କ୍ଲବ ଆଦି ୮ ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ବକ୍ତାରପୁର କ୍ରିକେଟ୍ କ୍ଲବ ଓ ଖଡିଅଣ୍ଟା କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ



୬ ଓଭରରେ ଖଡିଅଣ୍ଟା କ୍ରିକେଟ କ୍ଲବ ୬ଟି ୱିକେଟ ହରାଇ ୫୮ ରନ ସଂଗ୍ରହ କରିଥିଲା। ବକ୍ତାରପୁର କ୍ରିକେଟ କ୍ଲବ ଏହାର ପିଛା କରି ୫ ଓଭରରେ ୯ ୱିକେଟ ଥାଇ ବିଜୟ ହୋଇଥିଲା। ଉଦ୍‌ଯାପନ ଉତ୍ସବରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ବରିଷ୍ଠ ଯୁବ ନେତା ତଥା ସମାଜ ସେବୀ ମିଟୁ ମନୋଜ ନାୟକଙ୍କ ମୁଖ୍ୟ ଅତିଥି, ବରିଷ୍ଠ ସମାଜ ସେବୀ ସଞ୍ଜୟ କୁମାର ସ୍ୱାଇଁ ମୁଖ୍ୟ ବକ୍ତା ଓ ପ୍ରକାଶ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କ୍ରୀଡ଼ାର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଅତିଥି ମାନେ ବିଜୟୀ ବକ୍ତାରପୁର କ୍ରିକେଟ କ୍ଲବକୁ ଟ୍ରଫି ପ୍ରଦାନ କରିବା ସହିତ ରନର୍ସ ଅପ୍ ଖଡିଅଣ୍ଟା କ୍ରିକେଟ୍ କ୍ଲବ୍‌କୁ କପ ପ୍ରଦାନ କରିଥିଲେ। ଆଡଭୋକେଟ ଅଶ୍ୱନୀ କୁମାର ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ଅମ୍ପାୟାର ଭାବେ ସମୀର ଦାସ, ଅଭୟ ସାହୁ ଖେଳ ପରିଚାଳନା କରିଥିଲେ। ଘୋଷକ ଭାବେ ପବିତ୍ର ପଣ୍ଡା ଓ ପ୍ରଦ୍ୟୁମ୍ନ ନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ସୌମ୍ୟରଞ୍ଜନ ଦାସ, ସୂର୍ଯ୍ୟକାନ୍ତ ସେଠୀ, ବିଶ୍ୱରଞ୍ଜନ ଦାସ, ଚନ୍ଦ୍ରକାନ୍ତ ସେଠୀ, ଆଦର୍ଶ ମାହାରଣା, ସ୍ୱପ୍ନଜିତ ପରିଡା, ରାହୁ ଦାସ, ବାବୁଲ ନାଥ, ବିଭୁ ଦାସ ଓ ପ୍ରମୋଦ ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ଧର୍ମପରାୟଣ ମହିଳାଙ୍କ ପରଲୋକ

ଗୋବିନ୍ଦପୁର, ୯।୧୨(ସମିସ): ସିଂହଗାଁ ପଞ୍ଚାୟତ ସିଂହଗାଁ ଗ୍ରାମର ସ୍ୱର୍ଗତ ସୁଦର୍ଶନ ଦାସଙ୍କ ପତ୍ନୀ ଉର୍ମିଳା ଦାସଙ୍କର ୮୧ ବର୍ଷ ବୟସରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପରଲୋକ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ।

## କୀର୍ତ୍ତନପ୍ରେମୀ ଗୋଲଖଙ୍କ ପରଲୋକ

ଡେରାବିଶ, ୯।୧୨(ସମିସ): ଡେରାବିଶ ବ୍ଲକ୍ ଇନ୍ଦାଳୋ ପଞ୍ଚାୟତ ଅନ୍ତର୍ଗତ ଛକନା ଗ୍ରାମର ସଂକୀର୍ତ୍ତନ ପ୍ରେମୀ ଗୋଲଖ ଚନ୍ଦ୍ର ମଲିକ (୭୨)ଙ୍କ ଗତକାଲି ପରଲୋକ ହୋଇଯାଇଛି। ସେ ମା' ଥାନପତି କୀର୍ତ୍ତନ ମଣ୍ଡଳୀର ସକ୍ରିୟ ସଦସ୍ୟ ଥିଲେ। ୫ ଦିନ ତଳେ ମସ୍ତିଷ୍କ ପକ୍ଷାଘାତରେ ଆକ୍ରାନ୍ତ ହୋଇ କଟକରେ ଚିକିତ୍ସିତ ହେଉଥିଲେ। ତାଙ୍କ ମରଶରୀରକୁ ଛକନା ଗ୍ରାମକୁ ଅଣାଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁଅ ଶିକ୍ଷକ ଆଲୋକ ଚନ୍ଦ୍ର ମଲିକ ମୁଖାଗ୍ନି ଦେଇଥିଲେ। ତାଙ୍କ ଶବଧାରାରେ ମା' ଥାନପତି କୀର୍ତ୍ତନ ମଣ୍ଡଳୀର ସଦସ୍ୟ ଓ ପଞ୍ଚାୟତର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

## ମଧ୍ୟାହ୍ନଭୋଜନ ପାଚିକା ସହାୟିକା ସଂଘର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ




କେନ୍ଦ୍ରାପଡ଼ା, ୯।୧୨(ସମିସ): ନିଖିଳ ଓଡ଼ିଶା ମଧ୍ୟାହ୍ନଭୋଜନ ପାଚିକା ସହାୟିକା ସଂଘ, କେନ୍ଦ୍ରାପଡ଼ା ଜିଲ୍ଲା କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଜରିଆରେ ନଅ ଦଫା ସମ୍ବଳିତ ଦାବିପତ୍ର ସୋମବାର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ମାସିକ ୨ହଜାର ଟଙ୍କା ପାରିଶ୍ରମିକ ତୁରନ୍ତ ପଦାନ କରାଯିବା, କାମ କରିପାରୁନଥିବା ପାଚିକାଙ୍କୁ ବାହାର କରାନଯିବା, ୬୫ବର୍ଷ ବୟସରେ କାମ କରିବାକୁ ସୁଯୋଗ ଦେବା, ଛଟେଇ ପାଚିକାଙ୍କୁ ତୁରନ୍ତ ନିଯୁକ୍ତି ପ୍ରଦାନ, ସର୍ବନିମ୍ନ ପେନସନ ବ୍ୟବସ୍ଥା କରାଯିବା, ମଧ୍ୟାହ୍ନ ଭୋଜନ ମୂଲ୍ୟ ୨୫ଟଙ୍କା କରାଯିବା, କାର୍ଯ୍ୟ ସମୟରେ ଦୁର୍ଘଟଣା ଘଟିଲେ ବୀମା ଯୋଜନା ଭୁକ୍ତ କରାଯିବା, ୨୫ଜଣ ଛାତ୍ରଛାତ୍ରୀରେ ଜଣେ ପାଚିକା ବ୍ୟବସ୍ଥା ଲାଗୁ କରାଯିବା, ପାଚିକାଙ୍କୁ ସରକାରୀ ଚାକିରୀର ମାନ୍ୟତା ପ୍ରଦାନ ପ୍ରଭୃତି ଦାବି ଗୁଡିକ ରହିଛି। ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ ସମୟରେ ସଙ୍ଘର ଜିଲ୍ଲା ସମ୍ପାଦିକା ଶୁଭାଙ୍ଗିନୀ ଭଦ୍ର, ସୁହାନା ବେଗମ, ଗଜେନ୍ଦ୍ର ନାଥ ନାୟକ, ଏଆଇଟିୟୁସିର ରାଜ୍ୟ ନେତା ଆଇନଜୀବୀ ରମଣିରଞ୍ଜନ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## କଷଣଅଣ୍ଟା ହାଇସ୍କୁଲରେ ଅଭିମୁଖୀକରଣ କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ, ୯।୧୨(ସମିସ): ରାଜ୍ୟ ସରକାରଙ୍କ ଦ୍ୱାରା ପଟ୍ଟାମୁଣ୍ଡାଇ ବ୍ଲକରେ ନୂତନ ଭାବେ ନିଯୁକ୍ତ ପାଇଥିବା କନିଷ୍ଠ ଶିକ୍ଷକମାନଙ୍କୁ ବ୍ଲକ ଶିକ୍ଷା ଧିକାରୀ କାର୍ଯ୍ୟାଳୟ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ ସହ ୬ ବର୍ଷ ପୂରଣ କରିଥିବା ଶିକ୍ଷକମାନଙ୍କୁ ସ୍ଥାୟୀ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା। ଏହି ଉପଲକ୍ଷେ କଷଣଅଣ୍ଟା ହାଇସ୍କୁଲଠାରେ ଏକ ଦିନିକିଆ ଅଭିମୁଖୀକରଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ରାଜ୍ୟସ୍ତରୀୟ ଶିକ୍ଷକ ନେତା ସିଆରସିସି ମଳୟ ଜେନାଙ୍କ ସଂଯୋଜନାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ ମୁଖ୍ୟଅତିଥି, ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ହରିହର ଦଳାଇ ମୁଖ୍ୟ ବକ୍ତା, ପଟ୍ଟାମୁଣ୍ଡାଇ ବ୍ଲକ ବି ଆର ସି ସି ଚନ୍ଦ୍ରଶେଖର ତ୍ରିପାଠୀ, ଏ ବି ଇ ଓ ପ୍ରେମବାଳା ମହାପାତ୍ର, କଷଣଅଣ୍ଟା ହାଇସ୍କୁଲ ପ୍ରାକ୍ତନ ପ୍ରଧାନଶିକ୍ଷକ କବି ସଚିତ୍ର ବେହୁରା ଶିକ୍ଷାବିତ ସୁରେଶ ଜେନା, ହିମାଂଶୁ ଶେଖର ସାହୁ ଉମାକାନ୍ତ ଜେନା ସମ୍ମାନିତଅତିଥି ଭାବେ ଯୋଗ ଦେଇଥିଲେ




ଓ ଜିଲ୍ଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀ ନୂତନ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ଉତ୍ତମ ଶିକ୍ଷାଦାନ ସହିତ ବିଦ୍ୟାଳୟରେ ଆପାର ଆଇଡି ସମ୍ପୂର୍ଣ୍ଣ କରିବା, ସ୍କୁଲ ୟୁ ଡାଇସ୍ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା, ବିଦ୍ୟାଳୟରେ ପୋଷାକ ବଣ୍ଟନ କାର୍ଯକ୍ରମକୁ ସୁଚାରୁ ରୂପେ ନିଷ୍ଠାର ସହିତ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ସିଆରସିସି ରଞ୍ଜନ ସାହୁ ସ୍ୱାଗତ ଭାଷଣ ଓ ସିଆରସିସି ସଞ୍ଜୟ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀନାଗ ଚାକିରି କାଳ ୬ ବର୍ଷ ପୂରଣ କରିଥିବା ୪୯ ଜଣ କନିଷ୍ଠ ଶିକ୍ଷକଶିକ୍ଷୟତ୍ରୀଙ୍କୁ ସ୍ଥାୟୀ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ। ଶେଷରେ ସିଆରସିସି ଅରବିନ୍ଦ ବଳ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ କନିଷ୍ଠ ଶିକ୍ଷକ ସଂଘ ସଭାନେତ୍ରୀ କ୍ରୀଷ୍ଣାବେଣୀ କର, ସମ୍ପାଦକ ମୃତ୍ୟୁଞ୍ଜୟ ନାୟକ, ସାଇ ଶୁଭଲକ୍ଷ୍ମୀ ରଥ, ସଙ୍ଗୀତା ବେହେରା ଇମିଲ୍ ରାୟ ପ୍ରମୁଖ ପରିଚାଳନା କରିଥିବାବେଳେ ସିଆରସିସି ବିଭୂ ରଞ୍ଜନ ସାହୁ, ଲକ୍ଷ୍ମଣ ବିହାରୀ ସେଠୀ, ଶ୍ରୀରାମ ଜେନା, ଏମ୍ ଡି ମସିଉଲ୍ଲହା, ସତ୍ୟବ୍ରତ ସାମନ୍ତରାୟ, ମନୋଜ ସେଠ. ବିନୟ ଦାସ, ରଞ୍ଜନ ବେହେରା ଓ ଲୋକନାଥ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ବିଶ୍ୱ ପ୍ରାର୍ଥନା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ



କେନ୍ଦ୍ରାପଡ଼ା, ୯।୧୨(ସମିସ): ସାରାବିଶ୍ୱରେ ପ୍ରତ୍ୟେକ ଦିନ କୌଣସି ନା କୌଣସି ଦିବସ ପାଳିତ ହେଉଛି। କିନ୍ତୁ ଏପର୍ଯ୍ୟନ୍ତ ପ୍ରାର୍ଥନା ଦିବସ ବିଶ୍ୱସ୍ତରରେ ପାଳିତ ହେବା କିମ୍ବା ୟୁନେସ୍କୋ ପକ୍ଷରୁ ମାନ୍ୟତାପ୍ରାପ୍ତ ହୋଇ ପାରିନଥିବା ଅତ୍ୟନ୍ତ ପରିତାପର ବିଷୟ। ତେଣୁ ଏ ସମ୍ପର୍କରେ କେନ୍ଦ୍ରାପଡ଼ାର ଗରାପୁରସ୍ଥିତ ଦିବ୍ୟଜୀବନ ସଂଘ ଶିବାନନ୍ଦ ଆଶ୍ରମର ସନ୍ନ୍ୟାସିନୀ ଶ୍ରୀମା' ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀଙ୍କ ଉଦ୍ୟମରେ ୨୦୧୭ ମସିହାରୁ ଦୀର୍ଘ ୭ବର୍ଷ ଧରି ପ୍ରାର୍ଥନା ଦିବସ ରାଜ୍ୟର ବିଭିନ୍ନ ସ୍ଥାନ ଏବଂ ଦେଶର କିଛି ସ୍ଥାନରେ ପାଳିତ ହୋଇଆସୁଛି। ଏହା ଜାନୁୟାରୀ ମାସର ପ୍ରଥମ ଦିନ ଅର୍ଥାତ୍ ୧ତାରିଖରେ ସାରା ବିଶ୍ୱରେ ପାଳିତ ହେବା ପାଇଁ ଦିବ୍ୟସ୍ୱରୂପା ଶ୍ରୀମା' ସମସ୍ତଙ୍କୁ ଅନୁରୋଧ କରି ପାଳନ କରିଆସୁଛନ୍ତି। ତେଣୁ ଆଗାମୀ ୨୦୨୫ ମସିହା ଜାନୁୟାରୀ ୧ ତାରିଖରେ ସମସ୍ତ ଧର୍ମ, ବର୍ଣ୍ଣ, ସଂପ୍ରଦାୟର ଲୋକମାନେ ସେମାନଙ୍କର ନିଜ ନିଜ ଗୁରୁ ଓ ଇଷ୍ଟଙ୍କୁ ତାଙ୍କର ନିଜ ନିଜ ଭାଷାରେ ପ୍ରାତଃ ୭ଘଟିକା ସମୟରେ ଏକଘଣ୍ଟା ବ୍ୟାପୀ ପ୍ରାର୍ଥନା କରିବା ଓ ସମସ୍ତ ବିଶ୍ୱବାସୀଙ୍କ ମଙ୍ଗଳ କାମନା କରିବାକୁ ଦିବ୍ୟସ୍ୱରୂପା ଶ୍ରୀମା' ଅନୁରୋଧ କରିଛନ୍ତି। ଏଥିନିମନ୍ତେ ଏକ ପ୍ରସ୍ତୁତି ବୈଠକ କଟକସ୍ଥିତ ଦିବ୍ୟଜୀବନ ସଂଘର ଶାଖାରେ ଶ୍ରୀମା' ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦଜୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସ୍ୱାମୀ ଶିବଚିଦାନନ୍ଦଜୀ ମହାରାଜ, ସ୍ୱାମୀ ବ୍ରହ୍ମ ମନିଷ୍ଠାନନ୍ଦଜୀ ମହାରାଜ, ସ୍ୱାମୀ ଶାନ୍ତାନନ୍ଦଜୀ, ସ୍ୱାମୀ ରାମସରଣାନନ୍ଦଜୀ, ସ୍ୱାମୀ ତନ୍ମୟାନନ୍ଦଜୀ, ସ୍ୱାମୀ ଗୁରୁପ୍ରସାଦ ନନ୍ଦଜୀ, ସ୍ୱାମୀ ଆତ୍ମାନନ୍ଦଜୀ, ସ୍ୱାମୀ ଦାମୋଦରନନ୍ଦଜୀ, ପରମପୂଜ୍ୟ ବିପିନ ବାବା, ବୃନ୍ଦାବନର ପରମପୂଜ୍ୟ ରାଧେ ରାଧେ ବାବା ଓ ସାମବାବାଙ୍କ ସମେତ ଅନ୍ୟାନ୍ୟ ସାଧୁସନ୍ଥ, ଦିବ୍ୟ ଜୀବନ ସଂଘ କଟକ ଶାଖାର ସଭାପତି, ସମ୍ପାଦକ, ଡା. ଗୀତା ମହାନ୍ତି, ଡା. ରାଧା ତ୍ରିପାଠୀ, ଦିବ୍ୟ ଜୀବନ ସଂଘ ଭୁବନେଶ୍ୱର ଶାଖାର ସଭାପତି ରାଧେଶ୍ୟାମ ଦାସ, ଅନ୍ନପୂର୍ଣ୍ଣା ଦାସ, ଦୁର୍ଯ୍ୟୋଧନ ବାବୁଙ୍କ ପରିବାର ତଥା ଶିବା ଡିଟିପିର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## 'ଶୀତ ମୋ ମିତ'ଶୀର୍ଷକ କବିତା ଆସର



ପଟ୍ଟାମୁଣ୍ଡାଇ, ୯।୧୨ (ସମିସ): ପଟ୍ଟାମୁଣ୍ଡାଇ ଟାଉନ କ୍ଲବ ଠାରେ 'ଶୀତ ମୋ ମିତ' ଶୀର୍ଷକ କବିତା ଆସର ଅନୁଷ୍ଠିତ ହୋଇଯାଇଛି ଓ ବିଶିଷ୍ଟ କବି ଡ.ମନୋରଞ୍ଜନ ଦାଶଙ୍କ ପୌରହିତ୍ୟ ଓ ଉପସ୍ଥାପନାରେ ଆୟୋଜିତ ହୋଇଯାଇଛି। କଥାକାର ପ୍ରଧାପକ ଡ. ନୀଳମଣି ଲେଙ୍କା ମୁଖ୍ୟଅତିଥି, ଅତିରିକ୍ତ ତହସିଲଦାର ଦିଲୀପ ନାୟକ ମୁଖ୍ୟବକ୍ତା, ସଂଗୀତଜ୍ଞ ରବୀନ୍ଦ୍ରନାଥ ମିଶ୍ର, କବି ଅନୀଲ୍ ଚୌଧୁରୀ, ଅଧ୍ୟାପକ ବିରଜାନନ୍ଦ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଆମ ମାଟି ଓ ତା'ର ସ୍ରଷ୍ଟା ଆମର ଗର୍ବ ଓ ଗୌରବ ବୋଲି ମତପ୍ରକାଶ କରିଥିଲେ। ଏହି କବିତା ଆସରରେ କବି ତ୍ରିଲୋଚନ ଜେନା, କବୟିତ୍ରୀ ଆରାଧନା ଦାଶ, ଡ. ନାରାୟଣ ପ୍ରସାଦ ଜେନା, ରାମକୃଷ୍ଣ ଦାଶ, ପୂଣ୍ୟଶ୍ଳୋକ ଭରଦ୍ୱାଜ ନରହରି ଦାସ, ପ୍ରମୋଦ ନାୟକ ଓ ଶରତ କୁମାର ଦାଶ ପ୍ରମୁଖ ଯୋଗ ଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ କବୟିତ୍ରୀ ଆରାଧନା ଦାଶ ଧନ୍ୟବାଦ ଦେଇଥିଲେ।

# ନିମ୍ନମାଧ୍ୟମିକ ଶିକ୍ଷକ ସଂଘର ଜିଲ୍ଲା ସାମ୍ବିଧାନିକ ସମ୍ମିଳନୀ

କେନ୍ଦ୍ରାପଡ଼ା, ୯।୧୨(ସମିସ): ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ କେନ୍ଦ୍ରାପଡ଼ା ଜିଲ୍ଲା ଶାଖାର ସାମ୍ବିଧାନିକ ସମ୍ମିଳନୀ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ତରାଣ୍ଡୋ ସରକାରୀ ଉଚ୍ଚ ବିଦ୍ୟାଳୟରେ ସଂଗଠନର ସଭାପତି ଦୟାନିଧି ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ବରିଷ୍ଠ ଶିକ୍ଷାବିତ୍ ଅବନୀ କୁମାର ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରି ବନମାଳୀ ବ୍ରହ୍ମଚାରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ସଙ୍ଘ ସଭାପତି ବିକ୍ରମ କୁମାର ଦାସ, ମୁଖ୍ୟବକ୍ତା ଭାବେ ରାଜ୍ୟସଂଘ ସାଧାରଣ ସମ୍ପାଦକ ସୁକାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ରାଜ୍ୟ ସଂଘ ଉପସଭାପତି ଧନେଶ୍ୱର ପାତ୍ର, ରାଜ୍ୟ ସଂଘ କୋଷାଧ୍ୟକ୍ଷ ଯୁଧିଷ୍ଠୀର ପ୍ରଧାନ, ରାଜ୍ୟ ସଂଘ ଯୁଗ୍ମ ସାଧାରଣ ସମ୍ପାଦକ ସୁଦର୍ଶନ ସ୍ୱାଇଁ, ଶିକ୍ଷକ ଦର୍ପଣର ସମ୍ପାଦକ ସୁଶାନ୍ତ କୁମାର





ପ୍ରଧାନ, ଶିକ୍ଷକ ଦର୍ପଣର ସହ-ସମ୍ପାଦକ ସଚ୍ଚିଦାନନ୍ଦ ପରିଡ଼ା, ଜିଲ୍ଲା କାର୍ଯ୍ୟକାରୀ ସଭାପତି ରମେଶ ଚନ୍ଦ୍ର ସାହାଣୀ, ଜିଲ୍ଲା ସଂଘ ଉପଦେଷ୍ଟା ବିଜୟ କୁମାର ଜେନା, ଗଗନ ବିହାରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ପ୍ରଧାନଶିକ୍ଷକ ରାଧାନାଥ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ରାଜ୍ୟ ସଂଘ କର୍ମକର୍ତ୍ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଗାମୀ ତିନିବର୍ଷ ପାଇଁ କେନ୍ଦ୍ରାପଡ଼ା ରାଜସ୍ୱ ଜିଲ୍ଲା ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ସମ୍ପାଦିତ ହୋଇଥିଲା। ନବ ନିର୍ବାଚିତ କର୍ମକର୍ତ୍ତା ଭାବେ ସଭାପତି କରୁଣାକର ଭୋଳ, କାର୍ଯ୍ୟକାରୀ ସଭାପତି ବିବେକାନନ୍ଦ ମଲ୍ଲ, ଉପସଭାପତି ପ୍ରଫୁଲ୍ଲ କୁମାର ବାରିକ ଓ ପ୍ରଫୁଲ୍ଲ କୁମାର ପରିଡା, ସମ୍ପାଦକ ଅଶୋକ କୁମାର ସାହୁ, ଯୁଗ୍ମ ସମ୍ପାଦକ ତୁଷାରକାନ୍ତ ସ୍ୱାଇଁ, ସହ ସମ୍ପାଦକ ବିଭୁତି ଭୂଷଣ ଦାସ, ଅଧର କୁମାର ଜେନା, ବିମଳ ପ୍ରସାଦ ପଣ୍ଡା ଓ ତରଣୀ ସେନ ଲେଙ୍କା, କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ଉପଦେଷ୍ଟା ଭାବେ ଅବନି କୁମାର ମହାନ୍ତି, ବିଜୟ କୁମାର ଜେନା, ଗଗନ ବିହାରୀ ସାହୁ, ରମେଶ ଚନ୍ଦ୍ର ସାହାଣୀ ଓ ଦୟାନିଧି ସ୍ୱାଇଁ ପ୍ରମୁଖଙ୍କୁ ନିର୍ବାଚିତ କରାଯାଇଥିଲା। ଏହି ସମ୍ମିଳନୀରେ କେନ୍ଦ୍ରାପଡ଼ା ଜିଲ୍ଲାର ୯ଟି ବ୍ଲକର ସଭାପତି, ସମ୍ପାଦକ, ଶିକ୍ଷକ, ଶିକ୍ଷିକାମାନେ ଯୋଗ ଦେଇଥିଲେ। କେନ୍ଦ୍ରାପଡ଼ା ବ୍ଲକ ସଂଘର ସଭାପତି ରାଜେନ୍ଦ୍ର ପ୍ରସାଦ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରୋଜ କାନ୍ତ ପାଇଟଲ, ପ୍ରଦୀପ କୁମାର ଲେଙ୍କା, କୈଳାଶ ଚନ୍ଦ୍ର ରାଉତ, ଚିତ୍ତରଞ୍ଜନ ସାହୁ, ଚକ୍ରଧର ସାମନ୍ତରାୟ, ଗୌରାଙ୍ଗ ଚରଣ ରାଉତ, ଗିରିଧାରୀ ସାହୁ, ପ୍ରଭଞ୍ଜନ ରାଉତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ମାଲିକଙ୍କ ଝୁଲନ୍ତା ମୃତଦେହ ତଳେ ଜଗି ରହିଲା କୁକୁର

ଅନୁଗୋଳ, ୯ ।୧୨(ସମିସ): ଝୁଲି ରହିଥିଲା ବୃଦ୍ଧଙ୍କ ମୃତଦେହ। ମୃତଦେହ ତଳେ ଜଗି ବସିଥିଲା ତାଙ୍କ ପୋଷା କୁକୁର। ମୃତଦେହ ପାଖକୁ କାହାକୁ ଯିବାକୁ ଦେଲାନି। କେହି ପାଖକୁ ଗଲେ ଭୁକିବା ସହ କାମୁଡ଼ି ଗୋଡ଼ାଇଲା। ଏଭଳି ଘଟଣା ଘଟିଛି ଅନୁଗୋଳ ରାଣୀଗୋଡ଼ାରେ।

ରାଣୀଗୋଡ଼ାର ମଣିଆ ବେହେରା ଗାଁ ପୋଖରୀ ହୁଡ଼ାରେ



ପୋଖରୀ ନିଲାମଧାରୀଙ୍କ ଗାଈଗୋରୁ ରଖି ଦୁଗ୍ଧ ବ୍ୟବସାୟ କରି ଆସୁଥିଲେ। ତେବେ କିଛିଦିନ ତଳେ ପୋଖରୀ ନିଲାମ ହୋଇଥିଲା। ନିଲମଧାରୀ ବଦଳିବା ପରେ ନୂଆ ନିଲାମଧାରୀ ସେଠାରୁ ଗାଈଗୋରୁ ନେଇଯିବାକୁ ଧମକ ଦେବା ସହ ମଣିଆଙ୍କୁ ଅନେକ ସମୟରେ ଗାଳିଗୁଲଜ କରୁଥିଲେ ବୋଲି ଅଭିଯୋଗ ହୋଇଛି। ତେବେ ସୋମବାର ସକାଳେ ମଣିଆଙ୍କ ମୃତଦେହ ପୋଖରୀ ହୁଡ଼ାରେ ଥିବା ଏକ ଜାମୁ ଗଛରେ ଝୁଲୁଥିବା ସ୍ଥାନୀୟ ଲୋକ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବର ପ୍ରଚାରିତ ହେବା

**● କାହାକୁ ପାଖ ମଡ଼ାଇ ଦେଲାନି**

ପରେ ସେଠାରେ ଲୋକଙ୍କ ଭିଡ଼ ଜମିଥିଲା। ସେହି ସମୟରେ ମଣିଆଙ୍କ ପୋଷା କୁକୁର ସ୍ୟାଣ୍ଡି, ଝୁଲନ୍ତା ମୃତଦେହ ତଳେ ଶୋଇ ରହିଥିବା ଦେଖାଯାଇଥିଲା। ମୃତଦେହ ପାଖକୁ କେହି ଯିବାକୁ ଚେଷ୍ଟା କଲେ ତାକୁ କାମୁଡ଼ି ଗୋଡ଼ାଇଥିଲା। ଖବର ପାଇ ଅନୁଗୋଳ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ହେଲେ ପୁଲିସ ମଧ ପାଖକୁ ଯାଇପାରି ନ ଥିଲା। ଦୀର୍ଘ ସମୟ ପରେ ପୁଲିସ ସେଠାରୁ ସ୍ୟାଣ୍ଡିକୁ ବାହାର କରିବା ପରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ମାମଲା ରୁଜୁ କରାଯାଇ ପୁଲିସ ତଦନ୍ତ ଚଳାଇଛି।

**ହାତୀ ପଲଙ୍କ ଉପଦ୍ରବ**

# ଖାଇଗଲେ ୬ଶହ ବିଡ଼ା ଧାନ; ଚାଷୀ ହତାଶ

ଢେଙ୍କାନାଳ, ୯ ।୧୨(ସମିସ)

ଢେଙ୍କାନାଳ ବନଖଣ୍ଡ ଗଦାଶିଳା ଫରେଷ୍ଟ ସେକ୍ସନ ଚାଇଁପୁର ଗ୍ରାମରେ ରବିବାର ରାତିରେ ହାତୀପଲ ପଶି ୪ ଚାଷୀଙ୍କ ୬ ଶହରୁ ଅଧିକ ଧାନବିଡ଼ା ଖାଇବା ସହ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ଗତ ୪ଦିନ ହେବ ଏହି ଅଞ୍ଚଳରେ ୪୨ ଟିକିଆ ହାତୀପଲ ମହିଧରପୁର, କାଶିଆଡିହ, ଶଙ୍କରପ୍ରତାପପୁରରେ ଉପଦ୍ରବ କରୁଥିବା ବେଳେ ଗତ ରାତିରେ ହାତୀମାନେ ଚାଇଁପୁରରେ ଉପଦ୍ରବ କରିଛନ୍ତି। ଗଦାଶିଳାର ଚାଷୀ ଭଗବାନ ରଥଙ୍କ ପୁଅ



ବିଭୁପ୍ରସାଦ ରଥ ତାଙ୍କ ୩ ଏକର ଜମିର ଧାନ କାଟି ପ୍ରାୟ ୩ ଶହରୁ ଅଧିକ ବିଡ଼ା ଅମଳ କରିବାକୁ ଗଦାକରି ରଖିଥିଲେ। ରାତି ପ୍ରାୟ ୨ଟାରେ ହାତୀପଲ ଧାନ ଖାଇବା ସହ ନଷ୍ଟ କରିଛନ୍ତି। ସେହିପରି ଭଗବାନ ନାୟକ, ପ୍ରସନ୍ନ କୁମାର ରଥ, ଆଶାଲତା ହୋତାଙ୍କ ପ୍ରାୟ ୩ଶହ ବିଡ଼ା ଧାନ ଖାଇ ନଷ୍ଟ କରିଛନ୍ତି। ଫଳରେ ଏହି ଚାଷୀମାନଙ୍କର ବର୍ଷକର ଧାନ ଫସଲ ସମ୍ପୂର୍ଣ୍ଣ ଉଜୁଡ଼ିଯାଇଛି। ଖବର ପାଇ ବନବିଭାଗ କର୍ମଚାରୀ ହାତୀଙ୍କୁ ଘଉଡ଼ାଇବା ସହ କ୍ଷୟକ୍ଷତି ଆକଳନ ପାଇଁ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେହିପରି ସୋମବାର ସନ୍ଧ୍ୟାରୁ ଚାଷୀମାନେ ଟାୟାର ଜାଳି ହାତୀ କବଳରୁ ଫସଲକୁ ସୁରକ୍ଷା ଦେବାକୁ ଜମି ନିକଟରେ ଜଗି ରହିଛନ୍ତି। ବନବିଭାଗ ମଧ ସଜାଗ ହୋଇ ହାତୀଙ୍କ ଗତିବିଧି ପ୍ରତି ଲକ୍ଷ୍ୟ ରଖିଛି। ହାତୀମାନେ ମଠରଗଡ଼ି ସଂରକ୍ଷିତ ଏବଂ ପୋହଳି ସଂରକ୍ଷିତ ଜଙ୍ଗଲରେ ରହି ସନ୍ଧ୍ୟା ହେବା ମାତ୍ରେ ଧାନ ଖାଇବାକୁ ଜମିରେ ପ୍ରବେଶ କରୁଥିବା ଜଣାପଡ଼ିଛି।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

**ଅନୁଗୋଳ, ୯ ।୧୨(ସମିସ):** ନାବାଳିକାଙ୍କୁ ଦୁଷ୍କର୍ମ ମାମଲାର ବିଚାର କରି ଅନୁଗୋଳ ଅତିରିକ୍ତ ଜିଲ୍ଲା ଜଜ ତଥା ଫାଷ୍ଟ ଟ୍ରାକ କୋର୍ଟ ଜଜ୍ ସୋମବାର ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୫୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ଏକ ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ କରିଛନ୍ତି। ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦୋଷୀ ସାବ୍ୟସ୍ତ ଯୁବକ ହେଲେ ଛେଣ୍ଡିପଦା ଥାନା ବରପଦା ଗ୍ରାମର ନଗେନ ବେହେରା (୧୯)। ମାମଲାର ବିବରଣୀ ଅନୁଯାୟୀ, ଅନୁଗୋଳ ଜିଲ୍ଲା ନାଲକୋନଗର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ନଗେନ ପ୍ରେମଜାଲରେ ଫସାଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ନାବାଳିକା ଗର୍ଭବତୀ ହେବା ପରେ ନଗେନ ଫେରାର ହୋଇଯାଇଥିଲେ। ଏ ବିଷୟରେ ନାବାଳିକାଙ୍କ ପରିବାର ଲୋକେ ୨୦୨୨ ଏପ୍ରିଲ ୪ରେ ନାଲକୋନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ପୋକ୍ସୋ ଆଇନ ଅନୁଯାୟୀ ମାମଲା ରୁଜୁକରି ନଗେନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସୋମବାର ଅତିରିକ୍ତ ଜିଲ୍ଲା ଜଜ ବିରଞ୍ଚି ନାରାୟଣ ମିଶ୍ର ଏହି ମାମଲାର ଶୁଣାଣି କରି ୯ ଜଣ ସାକ୍ଷୀଙ୍କ ବୟାନ ଓ ସମସ୍ତ ପ୍ରମାଣ ଆଧାରରେ ନଗେନଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଦଣ୍ଡ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଆଡିସନାଲ ପିପି ପ୍ରଦୀପ ଭୁତିଆ ଏହି ମାମଲା ପରିଚାଳନା କରୁଥିଲେ।

# କାଠଫାଳିଆରେ ଆକ୍ରମଣ; ବାପା ମୃତ, ପୁଅ ଗୁରୁତର

**ଢେଙ୍କାନାଳ ସଦର, ୯ ।୧୨(ସମିସ):** ସଦର ଥାନାର ଡାପୁର ଫାଣ୍ଡି ଅନ୍ତର୍ଗତ କୃଷ୍ଣପ୍ରସାଦ ଗ୍ରାମରେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଜଣେ ଚାଷୀଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ କୃଷ୍ଣପ୍ରସାଦର ଚତୁର୍ଭୁଜ ବେହେରା (୫୫)। ଦୁର୍ବୃତ୍ତଙ୍କ ଆକ୍ରମଣରେ ଚତୁର୍ଭୁଜଙ୍କ ପୁଅ ଓମପ୍ରକାଶ ବେହେରା ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ପୁଲିସ ଏ ନେଇ ଏକ ମାମଲା ରୁଜୁକରି ଜିତୁ ଜେନା, ଗଦାଧର ଜେନା, କାଳିଆ ପୁହାଣ ଓ ଅଶୋକ ପୁହାଣଙ୍କୁ ଗିରଫ କରିଛି।
ରେଙ୍ଗାଳି ଦକ୍ଷିଣକେନାଲ ହିଡ଼ ଧୀରପାଟଣା ନିକଟରେ ଚତୁର୍ଭୁଜ ବେହେରା ଘର ନିର୍ମାଣ କରୁଥିଲେ। ଏହାକୁ ଗ୍ରାମର କିଛି ବ୍ୟକ୍ତି ବିରୋଧ କରିଥିଲେ। ଏହାକୁ ନେଇ ସୋମବାର ସକାଳେ ଦୁଇ ଗୋଷ୍ଠୀ ମଧ୍ୟରେ ବଚସା ସହ ଗଣ୍ଡଗୋଳ ହୋଇଥିଲା। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଉଭୟ ଗୋଷ୍ଠୀଙ୍କୁ ଥାନାକୁ ଡାକି ଦୁଇଦିନ ମଧ୍ୟରେ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲା। କିନ୍ତୁ ଅପରାହ୍ନରେ ପୁଣି ଥରେ ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଉଗ୍ରରୂପ ନେଇଥିଲା। ପ୍ରାୟ ୯ ଜଣ ବ୍ୟକ୍ତି ଭୁଜାଲି, କାଠଫାଳିଆ ଆଦି ବିଭିନ୍ନ ମାରଣାସ୍ତ୍ରରେ ସଜ୍ଜିତ ହୋଇ ମିଳିତ ଭାବେ ଚତୁର୍ଭୁଜ ଏବଂ ଓମପ୍ରକାଶଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ସେମାନେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକ ଉଭୟଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ଚତୁର୍ଭୁଜଙ୍କୁ ମୃତ ଘୋଷଣା କରିଥିଲେ। ଆକ୍ରମଣରେ ଓମପ୍ରକାଶଙ୍କ ହାତ ଭାଙ୍ଗିଯାଇଛି।

# ୨ ବର୍ଷ ହେଲା ମିଳୁନି 'ହରିଶ୍ଚନ୍ଦ୍ର' ସହାୟତା

ତାଳଚେରସଦର, ୯ ।୧୨(ସମିସ): ପ୍ରାୟ ୨ ବର୍ଷ ହେଲା ମିଳୁନି ସରକାରଙ୍କ ମୃତ୍ୟୁକାଳୀନ ହରିଶ୍ଚନ୍ଦ୍ର ଯୋଜନା ସହାୟତା ରାଶି। ଫଳରେ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ସୂଚନା ଅନୁସାରେ, କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ପରେ ତାଙ୍କ ଶେଷକୃତ୍ୟ ପାଇଁ ସରକାରଙ୍କ ତରଫରୁ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯିବା ବ୍ୟବସ୍ଥା ରହିଛି। ଏବେ ଦୁଇବର୍ଷ ହେଲା ଏହି

**● ବଢ଼ୁଛି ଅସନ୍ତୋଷ**

ସହାୟତା ମିଳୁ ନ ଥିବା ବେଳେ ଏ ସମ୍ପର୍କରେ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ପଚାରିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ନିୟମ ଅନୁସାରେ ସରପଞ୍ଚମାନେ ତତକ୍ଷଣାତ ହିତାକାରୀଙ୍କୁ ସହାୟତା ରାଶି ପ୍ରଦାନ କରିବେ। ମୃତ୍ୟୁର ୧୫ ଦିନ ମଧ୍ୟରେ ମୃତକଙ୍କ ସମ୍ପର୍କିତ ତଥ୍ୟ ୱେବସାଇଟରେ ଅପଲୋଡ୍ କରିବାକୁ ନିର୍ଦ୍ଦେଶ ରହିଛି। ତେବେ ଏହା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ହିତାଧିକାରୀଙ୍କୁ ଜାଣିଶୁଣି ଟଙ୍କା ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ଜିଲ୍ଲାର ଅନ୍ୟ ସ୍ଥାନରେ ହରିଶ୍ଚନ୍ଦ୍ର ସହାୟତା ମିଳୁଥିବା ବେଳେ କାହିଁକି ସ୍ଥାନୀୟ ହିତାଧିକାରୀ ବଞ୍ଚିତ ରହିଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜିଲ୍ଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ତୁରନ୍ତ ଏହାର ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ପ୍ରଶାସନ ଓ ଏମ୍‌ସିଏଲ୍‌ର ପ୍ରଜାମାରଣ ନୀତି ବିରୋଧରେ ମେଳି



**କଣିହାଁ, ୯ ।୧୨(ସମିସ):** ଏମସିଏଲ ଦ୍ୱାରା କ୍ଷତିଗ୍ରସ୍ତ ପ୍ରଜାଙ୍କ ବିରୋଧରେ ପ୍ରଶାସନ ଓ ଏମ୍‌ସିଏଲ୍‌ର ଏକପାଖିଆ ଆଦେଶ ନେଇ କ୍ଷତିଗ୍ରସ୍ତ ପ୍ରଜାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ସୋମବାର ମଧ୍ୟାହ୍ନରେ କଣିହାଁ ବ୍ଲକ ରବିପୁର ସଂରକ୍ଷିତ ଜଙ୍ଗଲ ପାଖରେ ଥିବା ସୁରୁଙ୍ଗି ମଠରେ କ୍ଷତିଗ୍ରସ୍ତ ପ୍ରଜାମାନଙ୍କୁ ନେଇ ଏକ ବୈଠକ ବସିଥିଲା। ବୈଠକରେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ଯୋଗଦେଇ କହିଲେ, ଏମସିଏଲ ଶାଗମାଛ ଦରରେ ଜମି ଅଧିଗ୍ରହଣ କରି କ୍ଷତିଗ୍ରସ୍ତ ପ୍ରଜାଙ୍କୁ ଲୁଣ୍ଠନ କରୁଛି। କ୍ଷତିଗ୍ରସ୍ତ ପ୍ରଜାଙ୍କ ବିଭିନ୍ନ ସମସ୍ୟା ତଥା ଘର ଟଙ୍କା, ଚାକିରି ଓ ବିସ୍ଥାପନ ସମସ୍ୟା ସମାଧାନ ନ କରି ଓଲଟା ଶୋଷଣ କରୁଛି। କିଛିଦିନ ପୂର୍ବରୁ ଜିଲ୍ଲା ପ୍ରଶାସନ ଲୋକମାନେ ବନାଇଥିବା ଘର ଟଙ୍କା ନ ଦେଇ ତାକୁ ଭାଙ୍ଗିଦେବା ପାଇଁ ଆଦେଶ ଦେବା ତାଙ୍କୁ ମର୍ମାହତ କରିଛି। ଲୋକଙ୍କ ସମସ୍ୟାକୁ ତାଳଚେର ଜମିହରା କ୍ଷତିଗ୍ରସ୍ତ ପ୍ରଜାସଂଘ ମାଧମରେ ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଅନ୍ୟ ଅଧିକାରୀଙ୍କୁ ଅବଗତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ପ୍ରଶାସନ ଓ ଏମସିଏଲର ନିର୍ଯାତନା ଇଷ୍ଟ ଇଣ୍ଡିଆ କମ୍ପାନୀଠାରୁ ବଳିଗଲାଣି। ଏ ନେଇ ପ୍ରଜା ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି ବିଭିନ୍ନ ଗ୍ରାମର କ୍ଷତିଗ୍ରସ୍ତ ପ୍ରଜା।

ବୈଠକରେ ଯୁବ ସଂଗଠକ ସୁନୀଲ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ତାଳଚେର ସୁରକ୍ଷା ମଞ୍ଚ ସଭାପତି ମୁରଲୀଧର ସାହୁ, ସମବାୟ ବ୍ୟାଙ୍କ ସଭାପତି ସନ୍ତୋଷ କୁମାର ପ୍ରଧାନ, କଣିହାଁ ପଞ୍ଚାୟତ ସମିତି ଅଧକ୍ଷ ରାମକୃଷ୍ଣ ପ୍ରଧାନ, ସରପଞ୍ଚ, ସମିତି ସଭ୍ୟ, କ୍ଷତିଗ୍ରସ୍ତ ଗ୍ରାମଗୁଡ଼ିକର ସଭାପତି, ସମ୍ପାଦକ ଉପସ୍ଥିତ ଥିଲେ। ସେହିପରି କଣିହାଁ ଓ ତାଳଚେର ବ୍ଲକ ଅଞ୍ଚଳର ଏମସିଏଲ ଦ୍ୱାରା କ୍ଷତିଗ୍ରସ୍ତ ତେଲସିଂହା, ଜରଡ଼ା, ଜୟପୁର, କଂସମୁଣ୍ଡା, ଅଦ୍ୱୈତପ୍ରସାଦ, ଗୁଣ୍ଡୁରିନାଳୀ, ମାଳପଶି, ଜମାନିଆ, ଗୁଲଣ୍ଡ, କଣିହାଁ, ଛେଳିଆ, ବଡ଼ଗୁଣ୍ଡୁରି, କଳମଛୁଇଁ, ସୋଲଡ଼ା, ହିଲୋଇ, ଏକଡାଳ, ବୀରରାମଚନ୍ଦ୍ରପୁର, ପଦ୍ମାବତୀପୁର, ଲକେଇପଶି, ନୀଳାଦ୍ରିପୁର, ତିଳେଇପଶି, ଗୋପାଳପ୍ରସାଦ, ଖଜୁରିଆ, ସତ୍ୟବାଦୀପୁର, କିଶୋରଚନ୍ଦ୍ରପୁର ଆଦି ଗ୍ରାମର ସଭାପତି, ସମ୍ପାଦକ ଉପସ୍ଥିତ ଥିଲେ।

# ବ୍ରଜନାଥ ବଡ଼ଜେନା ସାହିତ୍ୟ ପରିଷଦର ବନ୍ଧୁମିଳନ ଓ ପୁସ୍ତକ ଉନ୍ମୋଚନ



ଢେଙ୍କାନାଳ, ୯ ।୧୨(ସମିସ): ସ୍ଥାନୀୟ ବ୍ରଜନାଥ ବଡ଼ଜେନା ସାହିତ୍ୟ ପରିଷଦର ଚତୁର୍ଥ ବନ୍ଧୁମିଳନ ଓ କବିତା ଆସର 'ସମ୍ପର୍କର ନଦୀତୀରେ' ଓଡ଼ାପଡ଼ା ବ୍ଲକ ନାଧରା ରାମଚଣ୍ଡୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ବରିଷ୍ଠ ସାରସ୍ୱତ ସାଧକ ପଣ୍ଡିତ ବିପିନ ବିହାରୀ ଶତପଥୀ ପ୍ରଥମ ପର୍ଯ୍ୟାୟ କବିତା ଆସର 'ବ୍ରାହ୍ମଣୀ'ର ସଭାପତିତ୍ୱ କରିଥିଲେ। ଦେବୀପ୍ରସାଦ ନାୟକ, ରଶ୍ମିତା ନାୟକ, ପୁରୁଷୋତ୍ତମ ସିଂହସାମନ୍ତ ଓ ଲୀଳାବତୀ ପରିଡ଼ା ପ୍ରମୁଖ ସଂଯୋଜନା କରିଥିଲେ। କବିତାଗୁଡ଼ିକୁ ସମୀକ୍ଷା କରିଥଲେ କବି ବିନୟ କୁମାର ସାମଲ। ଦ୍ୱିତୀୟ ପର୍ଯ୍ୟାୟରେ ପରିଷଦ ସଭାପତି କବିଜ୍ୟୋତି ନିରଞ୍ଜନ ପତି ସଭାପତିତ୍ୱ କରିଥିଲେ। ସମ୍ପାଦକ କବି ରାହାସ କୁମାର ବେହେରା ଅତିଥିମାନଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିବା ସହ ପରିଷଦର ବାର୍ଷିକ ବିବରଣୀ ପାଠ କରିଥିଲେ। ବରିଷ୍ଠ ସାରସ୍ୱତ ସାଧକ ଶଙ୍କର୍ଷଣ ଶତପଥୀ, ପ୍ରାଧାପକ ରମେଶ ଚନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ସାହିତ୍ୟ ଓ ତା'ର ଅଭିରୁଚି, ଆମ ସଂସ୍କୃତିରେ ଶ୍ରୀଜଗନ୍ନାଥ ବିଷୟରେ ସୁନ୍ଦର ଭାବେ ନିଜର ମତ ରଖିଥିଲେ। ମୁଖ୍ୟବକ୍ତା ଡ. ସଦାନନ୍ଦ ପରିଡ଼ା ଓଡ଼ିଆ ସାହିତ୍ୟ ଓ ମାତୃଶକ୍ତି ବିଷୟରେ ବଳିଷ୍ଠ ଅଭିବ୍ୟକ୍ତି ରଖିଥଲେ। ମୁଖ୍ୟଅତିଥି ପ୍ରଫେସର ଶାନ୍ତନୁ ସର ଆମ ଭାଷା ସାହିତ୍ୟର ବର୍ତ୍ତମାନ ଓ ଭବିଷ୍ୟତକୁ ନେଇ ବକ୍ତବ୍ୟ ରଖିଥିଲେ। କବି ଦେବୀପ୍ରସାଦ ନାୟକଙ୍କ ଶିଶୁ କିଶୋର କବିତା ପୁସ୍ତକ 'ସେଲୁନ ପାଖେ ବେଲୁନ ବାଲା' ଓ ଶ୍ରଦ୍ଧାଞ୍ଜଳି ନାୟକଙ୍କ 'ସିଲଟ'ର ଉନ୍ମୋଚନ ହୋଇଥିଲା। କବି ବିନୟ କୁମାର ସାମଲ, କବିଜ୍ୟୋତି ନିରଞ୍ଜନ ପତି, ରାହାସ କୁମାର ବେହେରା, ରମେଶ ଚନ୍ଦ୍ର ସାହୁ, ମଦନ ମୋହନ ମିଶ୍ର, ପଣ୍ଡିତ ବିପିନ ବିହାରୀ ଶତପଥୀ, ମଧୁସ୍ମିତା ରାଉତ, ଅନିମା ପରିଡ଼ା, ପ୍ରଭାତୀ ନଳିନୀ ଦାଶ, ତୁଷାର ମିଶ୍ର, ଦୁର୍ଯ୍ୟୋଧନ ସାହୁ, ରଶ୍ମିତା ରାଉତ, ଦେବୀପ୍ରସାଦ ନାୟକ, ସ୍ନିଗ୍ଧାରାଣୀ ନାୟକ, ତପନ କୁମାର ବିଶ୍ୱାଳ, ବିରଞ୍ଚି ନାରାୟଣ ହୋତା, ଶ୍ରଦ୍ଧାଞ୍ଜଳି ନାୟକ, କମଳ ଦାଶ, କାଦମ୍ବରୀ ମହାଖୁଡ଼, ଅକ୍ଷୟ ରାଜହଂସ, ବୈକୁଣ୍ଠ ବିହାରୀ ସ୍ୱାଇଁ, ବିପ୍ଳବିନୀ ଜେନା, ପ୍ରେମାନନ୍ଦ ପାଣିଗ୍ରାହୀ ଓ ଦୁର୍ଯ୍ୟୋଧନ ବେହେରା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରେମାନନ୍ଦ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ନିଆଁରେ ପୋଡ଼ି ବୃଦ୍ଧା ଗୁରୁତର

କାମାକ୍ଷାନଗର, ୯ ।୧୨(ସମିସ): ସୋମବାର ଅପରାହ୍ନରେ ପାଟବେଡ଼ା ଗାଁରେ ନିଆଁ ପୋହୁଁଥିବା ବେଳେ ପୋଡ଼ିହୋଇ ଜଣେ ବୃଦ୍ଧା ଗୁରୁତର ହୋଇଛନ୍ତି। ତାଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି। ଗୁରୁତର ବୃଦ୍ଧା ହେଲେ ଗାଁର ଦୁଃଖିନୀ ମହାନ୍ତ (୯୫)। ଅସାବଧାନତା ଯୋଗୁଁ ତାଙ୍କ ଦେହରେ ନିଆଁ ଲାଗିଯାଇଥିଲା।

# ବିଦ୍ୟୁତ୍ ତାର ବିଛାଇ ଜନ୍ତୁ ଶିକାର; ୨ ଗିରଫ



ପାଲଲହଡ଼ା, ୯ ।୧୨(ସମିସ): ପାଲଲହଡ଼ା ଅଞ୍ଚଳରେ ବଢ଼ୁଛି ଜଙ୍ଗଲୀ ଜନ୍ତୁ ଶିକାର। ବିଦ୍ୟୁତ ତାର ବିଛାଇ, ବାରହା ଶିକାର କରିଥିବା ଅଭିଯୋଗରେ ବନବିଭାଗ ଦୁଇଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପାଲଲହଡ଼ା ବନଖଣ୍ଡ ପେଚାମୁଣ୍ଡି ପଞ୍ଚାୟତ ଜୋକପାଣି ଅଞ୍ଚଳର ଚିତ୍ତରଞ୍ଜନ ହାଇବ୍ରୁ (୩୩) ଓ ସୁନୀଲ ହାଇବ୍ରୁ (୨୦)। ଏମାନେ ଜୋଲଣ୍ଡା-ଜୋକପାଣି ସଂରକ୍ଷିତ ଜଙ୍ଗଲରେ ବାରହା ଶିକାର କରିବାକୁ ବିଦ୍ୟୁତ ତାର ବିଛାଇଥିବା ଖବର ପାଇ ବନବିଭାଗ ରବିବାରଠାରୁ ଶିକାରୀଙ୍କ ଉପରେ ତୀକ୍ଷ୍ଣ ନଜର ରଖିଥିଲା। ସୋମବାର ଭୋରରୁ ଜମରଡିହ ସେକ୍ସନ ଫରେଷ୍ଟର ସୁଧାଂଶୁ ବେହେରାଙ୍କ ନେତୃତ୍ୱରେ ୧୨ ଜଣିଆ ଟିମ ଉକ୍ତ ଜଙ୍ଗଲରେ ଛାନଭିନ କରୁଥିବା ବେଳେ ବିଛାଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମରିପଡ଼ିଥିବା ଏକ ବାରହା ଦେଖିଥିଲେ। ଏହି ସମୟରେ ପାଖରେ ବିଦ୍ୟୁତ ତାର ଗୁଡ଼ାଉଥିବା ଚିତ୍ତରଞ୍ଜନ ଓ ସୁନୀଲଙ୍କୁ କାବୁ କରିଥିଲେ। ପଚରା ଉଚରା ଓ ପ୍ରାଥମିକ ତଦନ୍ତ ପର୍ତ୍ତେ ବାରହା ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରିଥିଲେ। ସେହିପରି ବାରହା ମାଂସ ନେଇ ସ୍କୁଟିରେ ଯାଉଥିବା ବେଳେ ପାଲଲହଡ଼ା ସେକ୍ସନ ଫରେଷ୍ଟର ଶ୍ୟାମସୁନ୍ଦର ବେହେରା ସଦଳବଳ ଚଢ଼ଉ କରି ଦୁଇଜଣଙ୍କୁ ଗିରଫ କରିଥିବା ସୂଚନା ମିଳିଛି। ସେମାନେ ହେଲେ ସ୍ଥାନୀୟ କଣ୍ଡରାପାଳି ଗାଁର ସାଲୁକା ସାମାଡ଼ ଓ ଉଦୟନାଥ ସାମାଡ଼। ଏମାନେ ବାରହା ମାଂସ ଧରି ସ୍କୁଟିରେ ଆସୁଥିବା ବେଳେ ନାଇଁକାଣୀପାଲି ଗାଁ ମଝିରେ ବନ କର୍ମଚାରୀ ତାଙ୍କୁ ଅଟକାଇଥିଲେ। ଏମାନଙ୍କଠାରୁ ୧୫ କେଜି ବାରହା ମାଂସ ଜବତ କରାଯାଇଛି।

# ସାମ୍ବାଦିକଙ୍କ ଅକାଳ ବିୟୋଗରେ ଶୋକ

କାମାକ୍ଷାନଗର, ୯ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗରର ଯୁବ ସାମ୍ବାଦିକ ଧର୍ମାନନ୍ଦ ରାଉଳଙ୍କର ମାତ୍ର ୩୭ ବର୍ଷ ବୟସରେ ପରଲୋକ ଘଟିଛି। କିଛିଦିନ ଧରି ଅସୁସ୍ଥତା କାରଣରୁ ସେ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ତାଙ୍କ ଅକାଳ



ବିୟୋଗରେ କାମାକ୍ଷାନଗର ଉପଖଣ୍ଡ ସାମ୍ବାଦିକ ସଂଘ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଛି। ସଂଘ ସମ୍ପାଦକ ଶୁଭମୟ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକସଭାରେ ବହୁ ସାମ୍ବାଦିକ ସାମ୍ବାଦିକା ଉପସ୍ଥିତ ରହି ଧର୍ମାନନ୍ଦଙ୍କ ଆତ୍ମାର ସଦଗତି କାମନା କରିବା ସହ ନିରବ ପ୍ରାର୍ଥନା କରିଥିଲେ।

# ଧାନ କ୍ରୟରେ ସ୍ୱଚ୍ଛତା ନିମନ୍ତେ ପରିଚାଳନା କର୍ମଶାଳା



ଢେଙ୍କାନାଳ, ୯ ।୧୨(ସମିସ): ଢେଙ୍କାନାଳ ଜିଲ୍ଲାରେ ଚଳିତ ଖରିଫ୍ ଧାନକ୍ରୟ ଆସନ୍ତା ଜାନୁଆରୀ ୮ରୁ ଆରମ୍ଭ ହେବ। ଜିଲ୍ଲାରେ ମୋଟ ୯୨ ମଣ୍ଡି ଦ୍ୱାରା ଧାନକ୍ରୟ କରାଯିବ। ମଣ୍ଡି ଓ ଧାନକିଣାରେ ସ୍ୱଚ୍ଛତା ପାଇଁ ବିଜେପି କୃଷକ ମୋର୍ଚ୍ଚା ତରଫରୁ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ସହଦେବ ପୃଷ୍ଟିଙ୍କ ସଭାପତିତ୍ୱରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଧାନକ୍ରୟରେ ସ୍ୱଚ୍ଛତା ଅବଲମ୍ବନ ସହ କଟନିଛଟନି ବନ୍ଦ ଓ ମିଲରମାନଙ୍କ ଦାଦାଗିରିକୁ ଦୃଢ଼ତାର ସହ ବନ୍ଦ କରାଯିବ ବୋଲି ପ୍ରକାଶ କରିଥିଲେ। ଜିଲ୍ଲାର ସମସ୍ତ ଧାନମଣ୍ଡିରେ କୃଷକ ମୋର୍ଚ୍ଚା କାର୍ଯ୍ୟକର୍ତ୍ତାମାନେ ଜଗିବା ସହ ତଦାରଖ କରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ବିଜେପି ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ବିଧାୟିକା ସୀମାରାଣୀ ନାୟକ, ବରିଷ୍ଠ ନେତା ପ୍ରେମନନ୍ଦ ଜେନା, କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ପୁଲିନ୍ ପ୍ରକାଶ ପୁହାଣ, ଜିଲ୍ଲା ପଛୁଆବର୍ଗ ମୋର୍ଚ୍ଚା ସଭାପତି ପ୍ରଶାନ୍ତ କୁମାର ପ୍ରଧାନ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଦୀପ କୁମାର ସାହୁ, ଗୌତମ ରାଉତ, ଜିଲ୍ଲା ଉପସଭାପତି ରବିନ୍ ବାରିକ, ଅଶୋକ କୁମାର ରାଉତ, ନରେନ୍ଦ୍ର ମହାନ୍ତ, ମୀନକେତନ ନାୟକ, କ୍ଷମାନିଧି ସାହୁ, ପ୍ରସାଦ ସେଠୀ, ବିଷ୍ଣୁ ସାହୁ, ସରୋଜକାନ୍ତ ବେହେରା, ସୁଜନ ବିଶ୍ୱାଳ ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ସାମିଲ ହୋଇଥିଲେ।

# ଢେଙ୍କାନାଳରୁ କଟକ ଦେଇ ଭୁବନେଶ୍ୱରକୁ ଟ୍ରେନ୍ ଚଳାଚଳ ଦାବି

**ଢେଙ୍କାନାଳ, ୯ ।୧୨(ସମିସ):** ଢେଙ୍କାନାଳରୁ କଟକ ଦେଇ ଭୁବନେଶ୍ୱରକୁ ଏକ ନୂତନ ଟ୍ରେନ୍ ଚଳାଚଳ ପାଇଁ ରେଳଯାତ୍ରୀ ସଂଘ ପକ୍ଷରୁ ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏ ସଂକ୍ରାନ୍ତରେ ପୂର୍ବରୁ ମଧ୍ୟ ସଂଘ ପକ୍ଷରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜରିଆରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଦାବିପତ୍ର ପ୍ରଦାଦ କରାଯାଇଥିଲା। ଏଥିସହ ସାଂସଦ ରୁଦ୍ର ନାରାୟଣ ପାଣିଙ୍କୁ ମଧ୍ୟ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି।

ସଂଘ ସଭାପତି ଲକ୍ଷ୍ମୀପ୍ରସାଦ ପଟ୍ଟନାୟକ ସୂଚନା ଦେଇ କହିଛନ୍ତି ଯେ, ଢେଙ୍କାନାଳରୁ କଟକ ଦେଇ ସକାଳେ ଭୁବନେଶ୍ୱର କିମ୍ବା ଖୋର୍ଦ୍ଧାରୋଡ ପର୍ଯ୍ୟନ୍ତ ଦ୍ୱିତୀୟ ଟ୍ରେନ୍ ତୁରନ୍ତ ଚଳାଚଳ କରିବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି। ପୂର୍ବରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରଧାନ ଏହି ଦାବିକୁ ସମର୍ଥନ କରି ରେଳମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଅନୁରୋଧ କରିବା ସହ ଏହାର ନକଲ ସଂଘକୁ ପ୍ରଦାଦ କରିଛନ୍ତି। ସେହିପରି ଡିଆରୟୁସିସି ମେମ୍ବର ପଦବୀ ପାଇଁ ଦିଆଯାଇଥିବା ପ୍ରସ୍ତାବକୁ ଶ୍ରୀଘ୍ର କାର୍ଯ୍ୟକାରୀ କରାଯିବା ପାଇଁ ଦାବି କରାଯାଇଛି। ଏହି ପଦବୀ ପାଇଁ ସଂଘ ସଭାପତି ପଟ୍ଟନାୟକଙ୍କ ନାମ ପ୍ରସ୍ତାବ ଦିଆଯାଇଛି। ଢେଙ୍କାନାଳରୁ କଟକ ୬୦କିମି ଓ ଭୁବନେଶ୍ୱର ୭୦ରୁ ଉର୍ଦ୍ଧ୍ୱ କିମି ହୋଇଥିବା ବେଳେ ପ୍ରତ୍ୟେକ ଦିନ ଚାକିରିରେ ଯୋଗଦେବା ପାଇଁ ବହୁ ସଂଖ୍ୟାରେ ଲୋକ ସକାଳେ କଟକ, ଭୁବନେଶ୍ୱର ଯାତାୟତ ପାଇଁ ଟ୍ରେନ୍ ଉପରେ ନିର୍ଭରଶୀଳ। ଅନୁଗୋଳରୁ ନରାଜ ଦେଇ ପୁରୀକୁ ଗୋଟିଏ ଟ୍ରେନ୍ ଚାଲୁଥିବା ବେଳେ ଟ୍ରେନ୍‌ରେ ବହୁ ସଂଖ୍ୟାରେ ଯାତ୍ରୀ ହେଉଥିବାରୁ ଅସୁସ୍ଥ ବ୍ୟକ୍ତିମାନେ ବସିକି ଯିବାପାଇଁ ସିଟ୍ ଖଣ୍ଡିଏ ପାଉନାହାନ୍ତି। ସେହିପରି ପୁରୀରୁ ଟ୍ରେନ୍ ଆସୁଥିବାରୁ ଢେଙ୍କାନାଳରେ ପହଞ୍ଚିବା ବେଳକୁ ଅହେତୁକ ବିଳମ୍ବ ହେଉଛି। ଫଳରେ ଭୁବନେଶ୍ୱରରୁ ଆସୁଥିବା ଯାତ୍ରୀମାନେ ବହୁ ବିଳମ୍ବରେ ଘରେ ପହଞ୍ଚୁଛନ୍ତି। ଏ ସବୁକୁ ନଜରରେ ରଖି ତୁରନ୍ତ ଢେଙ୍କାନାଳରୁ କଟକ ଦେଇ ଭୁବନେଶ୍ୱର କିମ୍ବା ଖୋର୍ଦ୍ଧା ନୂତନ ଟ୍ରେନ୍ ଚଳାଚଳ କରିବା ନିମନ୍ତେ ଢେଙ୍କାନାଳ-ଅନୁଗୋଳ ରେଳଯାତ୍ରୀ ସଂଘ ପକ୍ଷରୁ ଦାବି କରାଯାଇଥିବା ସଂଘ ସମ୍ପାଦକ ବଦ୍ରିନାରାୟଣ ମିଶ୍ର ଜଣାଇଛନ୍ତି।



## ଜୀବନ ବଞ୍ଚିଗଲା, ଜୀବିକା ଉଜୁଡ଼ିଗଲା

# କେବେ ମିଳିବ ସାତଭାୟାବାସୀଙ୍କୁ ସ୍ଥାୟୀ ପଟ୍ଟା?

ରାଜନଗର, ୯।୧୨(ସମିସ): ରାଜନଗର ବ୍ଲକର ସାତଭାୟା ପୌରାଣିକ କିମ୍ବଦନ୍ତୀ ବହନ କରି ଆସୁଥିବା ସାଧବ ସାତଭାଇଙ୍କର ସ୍ମାରକୀ ୭ଟି ଗାଁ ସାତଭାୟା, କାନପୁର, ଗହୀରମଥା, ଗୋବିନ୍ଦପୁର, ମହନପୁର, ପରମାନନ୍ଦପୁର ଓ ବାଲିଓରାକୁ ନେଇ ଗଢି ଉଠିଥିଲା। କାଳକ୍ରମେ ସମୁଦ୍ର ଗୋଟିଏ ପରେ ଗୋଟିଏ ଗାଁ ଗ୍ରାସ କରିବାରେ ଲାଗିଲା। ପୁରୁଷ ପୁରୁଷର ଭିଟାମାଟିକୁ ସମୁଦ୍ର ଗର୍ଭକୁ ନେଇଗଲା। ଫଳରେ ଅନେକ ଧନଜୀବନ ନଷ୍ଟ ହୋଇଥିଲା। ୨୦୧୮ ମସିହାରେ ରାଜ୍ୟ ସରକାର ସାତଭାୟାର ୫୭୧ ପରିବାରକୁ ଗୁପ୍ତି ବଗପାଟିଆଠାରେ ଥଇଥାନ କଲେ। ସେବେଠାରୁ ସାତଭାୟାବାସୀ ବଗପାଟିଆକୁ ନିଜର ନୂତନ ଠିକଣା ଭାବେ ଆଦରିନେଲେ। ଏହା ଭିତରେ ୭ବର୍ଷ ବିତିଗଲାଣି। ସାତଭାୟାବାସୀ ସିନା ସମୁଦ୍ର ଗ୍ରାସରୁ ଜୀବନ ରକ୍ଷା ପାଇଗଲେ, କିନ୍ତୁ ଜୀବିକା ଉଜୁଡି ଗଲା। ସେଠାରେ ଥିବା ସେମାନଙ୍କର ଘରଡ଼ିହକୁ ସମୁଦ୍ର ତା ଗର୍ଭକୁ ଟାଣିନେବା ସହ ସେମାନଙ୍କ ଚାଷଜମିରେ ଲୁଣାପାଣି ମାଡ଼ିଗଲା। ଫଳରେ ସେମାନଙ୍କର ମୁଖ୍ୟ ଜୀବିକା ଉଜୁଡିଗଲା। କାମଧନ୍ଦା ଅଭାବରୁ ସାତଭାୟାର ହଜାର ହଜାର ଯୁବକ ଯୁବତୀ ଜୀବିକା ପାଇଁ ଏବେ ଦାଦନ ଭାବରେ ପୁଣେ, କେରଳ, ବାଙ୍ଗାଲୋର, ତାମିଲନାଡୁ ଓ ଦେଶ ବାହାରେ ମୁଣ୍ଡ ଝାଳ ତୁଣ୍ଡରେ ମାରି ବଞ୍ଚିବା ପାଇଁ ସଂଗ୍ରାମ କରୁଛନ୍ତି। ଦୟନୀୟ ହୋଇ ପଡିଥିବା ସାତଭାୟାବାସୀଙ୍କ ଭାଗ୍ୟ ନେଇ ଅନେକ ପ୍ରଶ୍ନ ଉଙ୍କି ମାରୁଛି ସେମାନଙ୍କ ମନରେ। ଦିନଥିଲା ବଙ୍ଗୋପସାଗର ତଟବର୍ତ୍ତୀ କିମ୍ବଦନ୍ତୀର ଅନନ୍ୟ ସ୍ୱାକ୍ଷର ସାତଭାୟା ଗାଁ ସବୁରି ମଣିଷର ଆକର୍ଷଣର କେନ୍ଦ୍ର ବିନ୍ଦୁ ଥିଲା। ସମୟର ବିବର୍ତ୍ତମାନରେ



ପ୍ରକୃତି ତାର କଡ଼ ଲେଉଟାଉଛି। ପରିବେଶ ଅସନ୍ତୁଳନ, ବିଶ୍ୱତାପନ ଓ ଜଳବାୟୁର ଅହେତୁକ ପରିବର୍ତନ ଯୋଗୁଁ ସମୁଦ୍ର ଜଳପତନ ଗଲା ୧୦ବର୍ଷ ହେଲା ବଢିବା ସହିତ ହୁ ହୁ ହୋଇ ସ୍ଥଳଭାଗ ଆଡକୁ ମାଡି ଚାଲିଛି। ଯାହାକୁ ନେଇ ଉପକୂଳବାସୀ ଏବେ ଆତଙ୍କିତ ଅବସ୍ଥାରେ। ସରକାରଙ୍କ ପକ୍ଷରୁ ବିସ୍ଥାପିତ ପରିବାରକୁ ୧୦ ଡେସିମିଲ ଘରଡିହ ସହ ବିଜୁ ପକ୍କାଘର, ବିଜୁଳି, ପାନୀୟଜଳ, ରାସ୍ତା, ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର, ବାତ୍ୟା ଆଶ୍ରୟସ୍ଥଳୀ ଘର ଯୋଗାଇ ଦିଆଗଲା। ମାତ୍ର ଠିକ ଭାବେ କାର୍ଯ୍ୟ ହୋଇନଥିବାରୁ ଅସରାଏ ବର୍ଷାରେ ଉବୁଟୁବୁ ହୁଏ ସାତଭାୟା ଥଇଥାନସ୍ଥଳୀ ବଗପାଟିଆ। ସରକାର ଦେଇଥିବା ପ୍ରତିଶ୍ରୁତି ଘରଡିହ ସହିତ ଜୀବିକା ପାଇଁ ଚାଷଜମିର ପ୍ରକ୍ରିୟା ଏ ପର୍ଯ୍ୟନ୍ତ ଆରମ୍ଭ ହୋଇନି। ପ୍ରଥମେ ୫୭୧ ପରିବାର, ୨ୟଥର ୯୯ ପରିବାର, ୩ୟଥର ୧୪୮ ପରିବାରଙ୍କୁ ଘରଡିହ ଯୋଗାଇ ଦେଇଛନ୍ତି। ସାତଭାୟାରେ ମୋଟ ୮୧୮ ପରିବାରଙ୍କୁ ଘରଡ଼ିହ ଯୋଗାଇ ଦିଆଯାଇଥିବା ବେଳେ କେବେ ସେମାନଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ କରାଯିବ, ସେ ନେଇ ସାତଭାୟାବାସୀ ଆଶା ଆଶଙ୍କାରେ ଅଛନ୍ତି। ସାତଭାୟାବାସୀଙ୍କ ଜୀବିକା ଫେରାଇବା ପାଇଁ ସରକାର କେବେ ସେମାନଙ୍କୁ ଘରଡ଼ିହ ପଟ୍ଟା ଏବଂ ଚାଷଜମି ଯୋଗାଇ ଦେଉଛନ୍ତି, ତାହା ଦେଖିବା ପାଇଁ ଅଞ୍ଚଳବାସୀ ଅନାଇ ରହିଛନ୍ତି।

## ଭିତରକନିକାରେ ୪୫ ଅତିରିକ୍ତ ବନସଂରକ୍ଷକଙ୍କୁ ପ୍ରଶିକ୍ଷଣ



ରାଜନଗର, ୯।୧୨ (ସମିସ): ଡେରାଡୁନସ୍ଥିତ ସିଏଏସଏଫ ଓଏସ ପ୍ରଶିକ୍ଷଣ ସେଣ୍ଟରରୁ ୪୫ଜଣ ଅତିରିକ୍ତ ବନସଂରକ୍ଷକ ପ୍ରଶିକ୍ଷାର୍ଥୀ ଦିନିକିଆ ଭିତରକନିକା ଜାତୀୟ ଉଦ୍ୟାନରେ ପହଞ୍ଚି କୁମ୍ଭୀର, ହାଚେରି, ସଂଗ୍ରହାଳୟ, ଗୋରୀ, ମଲ୍ଲୀ, ଶ୍ୱେତା, ସ୍କାଏ ୱାକ୍, ଭିତରକନିକା ନଦୀରେ ଭ୍ରମଣ କରିବା ସହିତ ଲୁଣା ଜଙ୍ଗଲର ଉପକାରୀତା ବିଷୟରେ ପ୍ରଶିକ୍ଷଣ ନେଇଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅତିରିକ୍ତ ବନସଂରକ୍ଷକ ଗଗନ ବିହାରୀ ମଲିକ, ଗବେଷକ ପ୍ରସନ୍ନ କୁମାର ନାୟକ, ନିରାକାର ବେହେରା, ବିଦ୍ୟାର୍ଥୀ ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ପ୍ରଶିକ୍ଷାର୍ଥୀମାନେ ଭିତରକନିକା ବୁଲିବା ସହିତ ବୋଟ ଯୋଗେ ଗୁପ୍ତି ଯାଇଥିଲେ।

## ଏନ୍‌ସିସି ଆଲୁମିନି ସଂଘର ବାର୍ଷିକ ଉତ୍ସବ



ପାରାଦୀପ, ୯।୧୨ (ସମିସ) : ପାରାଦୀପ ମହାବିଦ୍ୟାଳୟ ପରିସରରେ ମହାବିଦ୍ୟାଳୟର ଜାତୀୟ ସମରଶିକ୍ଷାର୍ଥୀ ବାହିନୀ ଆଲୁମିନି ସଂଘ ପକ୍ଷରୁ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରତ୍ୟକ ବର୍ଷ ଭଳି ଚଳିତ ବର୍ଷ ମଧ ପ୍ରାକ୍ତନ ଓ ବର୍ତ୍ତମାନର କ୍ୟାଡଟ ମାନଙ୍କ ଦ୍ୱାରା ଉତ୍ସବ ଆରମ୍ଭ ହୋଇଥିଲା। ପାରାଦୀପ ମହାବିଦ୍ୟାଳୟର ଏନସିସି ଅଧିକାରୀ ଲେଫ୍ଟନାଣ୍ଟ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ରଙ୍କ ତତ୍ତ୍ୱାବଧାନରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବନ୍ଦରର ଅର୍ଥ ପରାମର୍ଶଦାତା ଡିଏନ ସୋଣ୍ଡି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ତୃତୀୟ ଓଡ଼ିଶା ନାଭାଲ ୟୁନିଟ୍‌ର ପ୍ରାକ୍ତନ କମାଣ୍ଡିଂ ଅଫିସର କ୍ୟାପଟେନ୍ ପ୍ରଶାନ୍ତ କୁମାର ପଟ୍ଟନାୟକ, ମହାବିଦ୍ୟାଳୟର ଅଧକ୍ଷା ଡ. ସସ୍ମିତା ଶତପଥୀ, ଭାରତୀୟ କୋଷ୍ଟଗାର୍ଡର ଡେପୁଟି କମାଡାଣ୍ଟ ଡିଏନ ମାଣ୍ଡି, ପ୍ରାକ୍ତନ ନୌ ଅଧିକାରୀ ବିଭୁ ପ୍ରସାଦ ସ୍ୱାଇଁ ପ୍ରମୁଖ ସମସ୍ତ ଅତିଥିମାନେ ଉତ୍ସବକୁ ଉପଭୋଗ କରିବା ସହ କ୍ୟାଡେଟ ମାନଙ୍କର ଭୂମିକାକୁ ଉଚ୍ଚ ପ୍ରଶଂସା କରିଥିଲେ। ଏହି ଉତ୍ସବରେ ଶୃଙ୍ଖଳିତ ଭାବରେ ଉଚ୍ଚ କୋଟିର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଆଲୁମିନି ଆସୋସିଏସନର ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର ବାର୍ଷିକ କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଉତ୍ସବରେ ବହୁ ସଂଖ୍ୟକ ଏନ୍‌ସିସି ଅଫିସର, ବନ୍ଦରର ଅଧିକାରୀ, ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ତଥା ବିଭିନ୍ନ ସ୍ଥାନରେ କାର୍ଯ୍ୟ କରୁଥିବା ବହୁ ପ୍ରାକ୍ତନ କ୍ୟାଡେଟ ଓ ବର୍ତ୍ତମାନର କ୍ୟାଡେଟ ଯୋଗ ଦେଇଥିଲେ। ଶେଷରେ ସଂଘର ସମ୍ପାଦକ ଦେବୀ ପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଜଗତସିଂହପୁର ୬୬୨ କଲେଜ ସଂଘର ବୈଠକ

ଜଗତସିଂହପୁର, ୯।୧୨(ସମିସ): ନିଖିଳ ଓଡ଼ିଶା ୬୬୨(+୨ ଓ +୩) ଅନୁଦାନ ପ୍ରାପ୍ତ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ଜିଲ୍ଲାସ୍ତରୀୟ ବୈଠକ ସ୍ଥାନୀୟ ସ୍କୁଲାର ଇଂରାଜୀ ମାଧ୍ୟମ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଂଘର ଜିଲ୍ଲା ସଭାପତି ସୁକାନ୍ତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ +୨ ଓ + ୩ ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀମାନେ ଯୋଗ ଦେଇଥିଲେ। ଦୀର୍ଘ ୩୦ବର୍ଷରୁ ଉର୍ଦ୍ଧ୍ୱ ସମୟ କୋମଳମତି ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ କରି ରିକ୍ତ ହସ୍ତରେ ଜଣକ ପରେ ଜଣେ ଅଧ୍ୟାପକ ଓ ଅଣ ଶିକ୍ଷକ କର୍ମଚାରୀ ଅବସର ନେଉଛନ୍ତି। ଓଡିଶାର ଉଚ୍ଚ ଶିକ୍ଷା ଓ ମାଧ୍ୟମିକ ଶିକ୍ଷା ବ୍ୟବସ୍ଥାରେ ୭୦ ପ୍ରତିଶତ ଶିକ୍ଷାଦାନ ଦିଆଗଲା ପରେ ମଧ ସରକାରଙ୍କ ତରଫରୁ ଅବସରକାଳୀନ ପେନସନ ପ୍ରଦାନ କରିବା କ୍ଷେତ୍ରରେ କାଳକ୍ଷେପଣ ନୀତି ଅବଲମ୍ବନ କରିବା ଶିକ୍ଷକ ସମାଜ ପ୍ରତି ଏକ ଚରମ କୁଠାରଘାତ। ଚାକିରୀ ସର୍ତ୍ତାବଳୀ ସହିତ ପେନସନ ଦାବିକୁ ତ୍ୱରାନିତ୍ୱ କରିବା ପାଇଁ ଆଜିର ବୈଠକରେ ନିଷ୍ପତି ନିଆଯାଇଥିଲା। ଜିଲ୍ଲା ସାଧାରଣ ସଂପାଦକ ଡ. ସୁଧୀର କୁମାର ମହାନ୍ତି ପୂର୍ବ ସଭାର ବିବରଣୀ ପାଠ କରିବା ସହିତ ଆସନ୍ତା ୧୭ ତାରିଖଠାରୁ ରାଜ୍ୟ ସଂଘ ଡାକରାରେ ଜିଲ୍ଲାର ସମସ୍ତ କଲେଜର ସମସ୍ତ କର୍ମଚାରୀ ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ଜିଲ୍ଲା ସଂଘର ଉପସଭାପତି ପ୍ରସନ୍ନ କୁମାର ବାରିକ, ଶିଶିର କୁମାର ଦାସ, ଯୁଗ୍ମ ସଂପାଦକ ନିରଞ୍ଜନ ବିଶ୍ୱାଳ, ଲୋଚନ କୁମାର ପତି, କୋଷାଧ୍ୟକ୍ଷ ଡକ୍ଟର ଭାରତୀ ବେହେରା, ଅଧ୍ୟାପକ ଶ୍ରୀକାନ୍ତ ସାହୁ, ସୌରୀପ୍ରସାଦ ଲେଙ୍କା, ଦେବେନ୍ଦ୍ରନାଥ ସାହୁ, ଆଶିଷ କୁମାର ମହାପାତ୍ର, ଆଶୁତୋଷ ପଶାୟତ, ପ୍ରଶାନ୍ତ ସାହୁ, ଅଶ୍ୱିନୀ କୁମାର ବେହେରା ପ୍ରମୁଖ ଯୋଗ ଦେଇ ଚାକିରି ସର୍ତ୍ତାବଳୀ ଓ ଏକମାତ୍ର ପେନସନ ପ୍ରଦାନ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିବା ସହିତ ଆଗାମୀ ୧୭ ତାରିଖ ରାଜ୍ୟସ୍ତରୀୟ ଆନ୍ଦୋଳନରେ ସମସ୍ତେ ସକ୍ରୀୟ ସହଯୋଗ କରିବେ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ଅଧ୍ୟାପକ ଦିଲୀପ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତା

ପାରାଦୀପ, ୯।୧୨(ସମିସ): ଆଇଓସିଏଲଠାରେ ଶିରୋଟାଇ କରାଟେ ଆସୋସିଏସନ ପକ୍ଷରୁ ରାଜ୍ୟ ସ୍ତରୀୟ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଆଜି ସକାଳୁ ବିଭିନ୍ନ ବ୍ଲକର ୨୦୦ର ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। କରାଟେ ଶିକ୍ଷା ଦ୍ୱାରା ସେମାନଙ୍କର ଖେଳରେ ଥିବା ଅନ୍ତର୍ନିହିତ ଶକ୍ତିର ବିକାଶ ହେବ। କୃତି ପିଲାମାନଙ୍କୁ ମେଡାଲ ଦିଆଯିବା ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ଜାତୀୟସ୍ତରରେ ଭାଗ ନେଇଥିବା ଖେଳାଳି ମାନେ ମଧ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଏଥିରେ ଅତିଥିଭାବେ ଆଇନଜୀବୀ ସଞ୍ଜୟ କୁମାର ବେହେରା, ଶ୍ରମିକ ନେତା ଗୋଲେଖ ଚନ୍ଦ୍ର ନାୟକ ଓ ସ୍ଥାନୀୟ ସରପଞ୍ଚ ମଧ ଉପସ୍ଥିତ ଥିଲେ। ବିଚାରକ ଭାବେ କାହ୍ନୁ ମଲ୍ଲିକ, ଅମର ଜ୍ୟୋତି ରାଉତ, ସଂଗ୍ରାମ କେଶରୀଙ୍କ ଭଳି ଜାତୀୟ ସ୍ତରର କରାଟେ ଶିକ୍ଷକ ମାନେ ଉପସ୍ଥିତ ଥିଲେ।




## ଜଗତସିଂହପୁର ସାହିତ୍ୟ ପରିଷଦର ପଞ୍ଚଦଶ ବାର୍ଷିକ ଉତ୍ସବ | 'ସାହିତ୍ୟ ମଣିଷପଣିଆକୁ ପରିମାର୍ଜିତ କରେ'

ଜଗତସିଂହପୁର, ୯।୧୨(ସମିସ): ଜଗତ୍‌ସିଂହପୁର ସାହିତ୍ୟ ପରିଷଦର ପଞ୍ଚଦଶ ବାର୍ଷିକ ଉତ୍ସବ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ସଭାପତି ଇଂ ବିଷ୍ଣୁ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ସାହିତ୍ୟିକ ଦାଶ ବେନୁହୁର ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହିତ ସାହିତ୍ୟ ଏକ ନୂଆ ପୃଥିବୀ ସୃଷ୍ଟି କରେ ବୋଲି ମତବ୍ୟକ୍ତ କରିଥିଲେ। ଏହି ସଭାରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଗାଳ୍ପିକ ତଥା ସମାଲୋଚକ ପ୍ରଫେସର ଆଦିକନ୍ଦ ସାହୁ , ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ ଗୀତିକବି ଧନଞ୍ଜୟ ସ୍ୱାଇଁ ଯୋଗଦେଇ ସାହିତ୍ୟ ସମାଜ ଉପରେ ବର୍ଷ ବର୍ଷ ଧରି ପ୍ରଭାବ ପକାଇ ଥିବା ବିଭିନ୍ନ ପୁରାଣ, କାବ୍ୟ ଓ କବିତା ଆଦିର ଦୃଷ୍ଟାନ୍ତ ଦେଇଥିଲେ। ଏହି ଅବସରରେ ୨୦୨୨ବର୍ଷ ପାଇଁ ଅନୁଷ୍ଠାନ ପକ୍ଷରୁ ସର୍ବୋଚ୍ଚ ସମ୍ମାନ ବାଣୀପୀଠ ପୁରସ୍କାର ଦାଶ ବେନୁହୁରଙ୍କୁ ପ୍ରଦାନ କରାଯାଇଥିଲା। ଏଥିସହିତ ଡ. ଶ୍ରୀ ହରି ଧଳଙ୍କୁ କବିତା ପାଇଁ , ଗଳ୍ପ ପାଇଁ ପ୍ରାଣୀତା ରାଣୀ ବେହେରା ଓ ଶିଶୁ ସାହିତ୍ୟ ପାଇଁ ଶରତ କୁମାର ନାୟକଙ୍କୁ ଅଳକା ପୁରସ୍କାର, ଶଙ୍ଖଳାଭ ପଣ୍ଡା ଯୁବ ପୁରସ୍କାର ପାଇଁ ଡ଼ ତୃପ୍ତି ରଞ୍ଜନ ଦାସ, ବିଷ୍ଣୁପ୍ରିୟା ଦେବି ସ୍ମୃତି ସମ୍ମାନ ପାଇଁ ଗୋଲାପ ରାଣୀ ସାହୁ ଓ ଉମାକାନ୍ତ ପ୍ରଧାନ ସ୍ମୃତି ସମ୍ମାନରେ ପ୍ରତାପ ବିଶ୍ୱାଳଙ୍କୁ ସମ୍ମାନିତ କରାଯାଇଥିଲା। ସାହିତ୍ୟର ବିଭିନ୍ନ ବିଭାଗରେ ନିରନ୍ତର ସାଧନା ପାଇଁ ବରିଷ୍ଠ ସାହିତ୍ୟିକ ଓ ପ୍ରାବନ୍ଧିକ ଡ. ଦୀନବନ୍ଧୁ ଦାଶ, ଗୀତିକବି ଗୌର ପଟ୍ଟନାୟକ, ପ୍ରାବନ୍ଧିକ ଡ. ସର୍ବେଶ୍ୱର ସେଣ, ସମାଲୋଚକ ଡ. ଭଗବାନ ପଟେଲ ଓ ବିଶିଷ୍ଟ ନାଟ୍ୟକାର ଫକୀର ସିଂହଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହି ସଭାରେ ପରିଷଦର ମୁଖପତ୍ର ତ୍ରୈମାସିକ ସାହିତ୍ୟ ପତ୍ରିକା 'ମକର' ଉନ୍ମୋଚିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପରିଷଦର ସଂପାଦକ ଉମାକାନ୍ତ ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ କୋଷାଧ୍ୟକ୍ଷ ପୂର୍ଣ୍ଣ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଗଠନ ସମ୍ପାଦକ ରମେଶ ଚନ୍ଦ୍ର ବହାରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଗଣପତି ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ

ପାରାଦୀପ, ୯।୧୨(ସମିସ): ପାରାଦ୍ୱୀପ ବାଲିଝରା ବସ୍ତି ୫ ନମ୍ବର ୱାର୍ଡରେ ଥିବା ଗଣପତି ଶିଶୁ ବିଦ୍ୟା ମନ୍ଦିରର ୨୧ତମ ବାର୍ଷିକ କ୍ରୀଡ଼ା ଉତ୍ସବ ବହୁ ଆଡମ୍ବରରେ ପାଳିତ ହୋଇଯାଇଛି। ୬ ଓ ୭ ତାରିଖ ଦୁଇ ଦିନ ଧରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଥମ ଦିନ ମୁଖ୍ୟ ଅତିଥି ଭାବେ ଇଫ୍‌କୋର ମାନବ ସମ୍ବଳ ଅଧିକାରୀ ପ୍ରସନ୍ନ କୁମାର ବେଉରା ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ କ୍ରୀଡ଼ା ପତାକା ଉତ୍ତୋଳନ କରି କ୍ରୀଡ଼ାକୁ ଉଦ୍‌ଘାଟନ କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାରାଦୀପ ମୁନିସିପାଲିଟି ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପିଆଣ୍ଡଏ ବଟଲରସ୍ ସମ୍ପାଦକ ଦେବେନ୍ଦ୍ର କୁମାର ତୋମର ଓ ୫ନଂ ୱାର୍ଡର ପାର୍ଷଦ ଶ୍ରୀମତୀ ସ୍ୱପ୍ନାରାଣୀ ଜେନା ଯୋଗ ଦେଇ କୁନି କୁନି କୃତି ପ୍ରତିଯୋଗୀମାନଙ୍କୁ ପଢିବା ସହ ଖେଳିବା ପାଇଁ ପରାମର୍ଶ ଦେବା ସହ ପୁରସ୍କାର ବିତରଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ଶ୍ରୀମତୀ ଗୀତାଞ୍ଜଳି ତରାଇଙ୍କ ପରିଚାଳନାରେ କ୍ରୀଡ଼ା ଶିକ୍ଷକ ବିପ୍ଳବ ମହାନ୍ତି, ସୁଧାକର ସ୍ୱାଇଁ, ଦିବ୍ୟଜ୍ୟୋତି ଲେଙ୍କା, କ୍ଷେତ୍ରମୋହନ ସାହୁ, ସୁକାନ୍ତ ମହାନ୍ତି ଓ କଲ୍ୟାଣୀ ସାହୁ, ରୋଜାଲିନ ସାହୁ, ରୋଜାଲିନ ବେହେରା, ରାଜଶ୍ରୀ ମଲ୍ଲିକ, ନିବେଦିତା ନାୟକ୍, ଅନିମା ସାହୁ, ପିଙ୍କିନା ଜେନା, ତିଲୋତ୍ତମା ପରିଡା, ଲଜିପ୍ରିୟା ସୁତାର, ସସ୍ମିତା ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ବହୁ ଛାତ୍ରଛାତ୍ରୀଙ୍କ ସହ ଅଭିଭାବକମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର

ଜଗତସିଂହପୁର, ୯।୧୨(ସମିସ): ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର କୁଜଙ୍ଗ ବ୍ଲକର ସୂଚନା କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଜେ.ସୋନାଲ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୮୫ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୭୭ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ୮ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୪ଟି, ଆବାସ ଯୋଜନା ସମ୍ପର୍କୀୟ ୫ଟି , ଜମିଜମା ସମସ୍ୟା ସମ୍ପର୍କୀୟ ୩୪ଟି, ପେନସନ ପାଇବା ପାଇଁ ଗୋଟିଏ, ପୁଲିସ ସହାୟତା ପାଇବା ପାଇଁ ୬ଟି ଏବଂ ଅନ୍ୟାନ୍ୟ ୨୫ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୨ଟି ଅଭିଯୋଗର ତତ୍‌କ୍ଷଣାତ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦ୍‌ଗାତା, ଅତିରିକ୍ତ ଜିଲ୍ଲାପାଳ, ପାରାଦୀପ, ନିରଞ୍ଜନ ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁଜଙ୍ଗ ଦୀପକ ପ୍ରସାଦ ସ୍ୱାଇଁ, ତହସିଲଦାର, କୁଜଙ୍ଗ, ସ୍ୱରୂପ ନନ୍ଦନ ବେହେରା , ଏସ୍‌ଡିପିଓ, ଚିନ୍ମୟ ରାଉତ, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।



■ ଜିଲ୍ଲାସ୍ତରୀୟ ଆନ୍ତଃ କ୍ଲବ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ଶ୍ରୀ କ୍ଷେତ୍ରପାଳ ସ୍ପୋର୍ଟିଂ ୟୁନିଅନ୍ ବିଜୟୀ




କେନ୍ଦ୍ରାପଡ଼ା, ୯।୧୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା କ୍ରିକେଟ୍ ଆସୋସିଏସନ ତରଫରୁ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍‌ରେ ଓସିଏ ଦ୍ୱାରା ଆୟୋଜିତ ଜିଲ୍ଲାସ୍ତରୀୟ ଆନ୍ତଃ କ୍ଲବ ସୁପର ଲିଗ୍ ମ୍ୟାଚ୍‌ର ଚତୁର୍ଥ ଦିବସରେ ପଞ୍ଚୁପାଣ୍ଡବ କ୍ରିକେଟ କ୍ଲବ ଶ୍ରୀ କ୍ଷେତ୍ରପାଳ ସ୍ପୋର୍ଟିଂ ୟୁନିଅନକୁ ଭେଟିଥିଲା। କ୍ଷେତ୍ରପାଳ ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ୩୯ ଓଭରରେ ୨୩୪ରନ କରି ଅଲ୍‌ଆଉଟ ହୋଇଥିଲା। ପଞ୍ଚୁପାଣ୍ଡବ କ୍ରିକେଟ କ୍ଲବ ୧୦ ଓଭରେ ୧୦୨ରନ୍ କରି ଅଲଆଉଟ ହୋଇଥିଲା। ଏହି ମ୍ୟାଚରେ କ୍ଷେତ୍ରପାଳ ସ୍ପୋର୍ଟିଂ ୟୁନିଅନ ପଞ୍ଚୁପାଣ୍ଡବ କ୍ରିକେଟ କ୍ଲବକୁ ୧୩୨ରନରେ ପରାସ୍ତ କରିଥିଲା। ଏହି ମ୍ୟାଚରେ ଦୀପ୍ତି ଭୂଷଣ ବିହାରୀ ମ୍ୟାନ୍ ଅଫ୍ ମ୍ୟାଚ ହୋଇଥିଲେ। ଶ୍ରୀ ବିହାରୀ ୯ ଓଭର ବୋଲିଂ କରି ୨ ଓଭର ମେଡେନ ନେଇ ୩୫ରନ ଦେଇ ୪ଟି ୱିକେଟ ନେଇଥିଲେ। ସେହିପରି ପଞ୍ଚୁପାଣ୍ଡବ କ୍ରିକେଟ୍ କ୍ଲବର ଉମାକାନ୍ତ ମଲ୍ଲିକ ୯ଓଭର ବୋଲିଂ କରି ୫୨ରନ ଦେଇ ୫ଟି ୱିକେଟ ନେଇଥିଲେ। ନିରଞ୍ଜନ ଦାସ ଓ ଲଲିତେନ୍ଦୁ ପଣ୍ଡା ଅମ୍ପାୟର ଭାବେ ମ୍ୟାଚ ପରିଚାଳନା କରିଥିଲେ। ସ୍କୋରର ଭାବେ ଚିରଞ୍ଜିବି ବଳ ଓ ଆନନ୍ଦ ବେହେରା ପରିଚାଳନା କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା କ୍ରିକେଟ୍ ଆସୋସିଏସନର ସମ୍ପାଦକ ଶୁଭାଶିଷ ସେନାପତିଙ୍କ ତତ୍ତ୍ୱାବଧାନରେ ଏହି ମ୍ୟାଚ ଅନୁଷ୍ଠିତ ହୋଇଥିଲା।

## ପଟ୍ଟାମୁଣ୍ଡାଇ କଲେଜରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର



ପଟ୍ଟାମୁଣ୍ଡାଇ, ୯।୧୨(ସମିସ): ପଟ୍ଟାମୁଣ୍ଡାଇ କଲେଜ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ "ଓଡ଼ିଆ ସାହିତ୍ୟରେ ଆଦିବାସୀ ଜୀବନଚର୍ଯ୍ୟା"ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଦିଲ୍ଲୀପ ଭୂୟାଁଙ୍କ ପୌରୋହିତ୍ୟ ଓ ଅଧ୍ୟାପିକା ଶାନ୍ତି ସିଂହଙ୍କ ସଂଯୋଜନାରେ ଆୟୋଜିତ ଆଲୋଚନାଚକ୍ରରେ ଜେକେବିକେ କଲେଜ ପ୍ରଫେସର ଅନନ୍ତ କିଶୋର ଜେନା ମୁଖ୍ୟଅତିଥି, ରେଭେନ୍ସା ବିଶ୍ୱବିଦ୍ୟାଳୟ ସହକାରୀ ପ୍ରଫେସର ଡଃ ବିଜୟଲକ୍ଷ୍ମୀ ଦାଶ ମୁଖ୍ୟବକ୍ତା, ମଦନପୁର ୟୁକେ ମହାବୀର କଲେଜ ଓଡ଼ିଆ ବିଭାଗ ମୁଖ୍ୟ ଦିଲ୍ଲୀପ ମହାପାତ୍ର ସମ୍ମାନିତ ବକ୍ତା ଭାବେ ଯୋଗ ଦେଇ ଆଦିବାସୀଙ୍କ ଜୀବନଶୈଳୀ ଓ ଓଡ଼ିଆ ଗଦ୍ୟ ଓ ପଦ୍ୟ ସାହିତ୍ୟରେ ଏହାର ବର୍ଣ୍ଣନା ଉପରେ ବିଶଦ ଆଲୋଚନା କରିଥିଲେ। ପଟ୍ଟାମୁଣ୍ଡାଇ କଲେଜ ଓଡ଼ିଆ ବିଭାଗ ମୁଖ୍ୟ ପ୍ରମୋଦ ସ୍ୱାଇଁ ପ୍ରକୃତି ସହିତ ଆଦିବାସୀଙ୍କ ସୁସମ୍ପର୍କ ଓ ସେମାନଙ୍କ ନୀତି ଓ ବୃତ୍ତି ଉପରେ ଆଲୋକପାତ କରିଥିଲେ। କଲେଜ ଅଧକ୍ଷ ପ୍ରଫେସର ଭୂୟାଁ ସ୍ୱାଗତ ଭାଷଣ ଓ ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ସୌଭାଗ୍ୟ ନାୟକ ଓ ଅଧ୍ୟାପିକା ସଂଗୀତା ବେହେରାଙ୍କ ସଂଯୋଜନାରେ ଆୟୋଜିତ ଆଲୋଚନାଚକ୍ରରେ ଗାଳ୍ପିକ ଡଃ ନୀଳମଣି ଲେଙ୍କା, ଡଃ ଦୁଃଶାସନ ପରିଡା, ଡଃ ସୁନୀଲ ପ୍ରଧାନ, କ୍ୟାପଟେନ ମନୋଜ ପରିଡା, ସୁକାନ୍ତ ପ୍ରଧାନ, ରତ୍ନାକର ନାୟକ, ବଲ୍ଲଭ ସାହୁ, ଆଦ୍ୟାଶା ମହାନ୍ତି, ଝିଲି ମହାରଣା, ତାପସ ପରିଡା, ଡଃ ଫକୀର ପ୍ରଧାନ, ରଞ୍ଜିତ ସେନାପତି, ଡଃ ନିବେଦିତା ପ୍ରଧାନ, ରଞ୍ଜନ ବେହେରା, ଅମୀୟ ଦାସ, ରଞ୍ଜନ ଗାହାଣ, ମଧୁସ୍ମିତା ପରିଡ଼ା, ଆଲୋକ ସାହୁ ପ୍ରମୁଖ ବହୁ ପ୍ରାଧ୍ୟାପକ ଓ ଅଧ୍ୟାପକ ଅଧ୍ୟାପିକା ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଏହି ଆଲୋଚନାଚକ୍ରରେ ବିଭିନ୍ନ କଲେଜର ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଶୁଭଲକ୍ଷ୍ମୀ ସାହୁ, ବିଷ୍ଣୁପ୍ରିୟା ମଲ୍ଲିକ, ପ୍ରୀତିସନ୍ଧ୍ୟା ସେଠୀ, ବିଷ୍ଣୁପ୍ରିୟା ପଣ୍ଡା, ଲକ୍ଷ୍ମୀପ୍ରିୟା ବିଶ୍ୱାଳ, ଲିପ୍ସାରାଣୀ ସ୍ୱାଇଁ ପରିଚାଳନା କରିଥିଲେ।

## ଜିଲ୍ଲା ଅଙ୍ଗନବାଡ଼ି କର୍ମୀ ସଂଘର ବୈଠକ

ତିର୍ତ୍ତୋଲ, ୯।୧୨(ସମିସ): ଅଙ୍ଗନବାଡ଼ି କର୍ମଚାରୀ ୟୁନିଅନ ସଂଯୁକ୍ତା ମୋର୍ଚ୍ଚା ଓଡ଼ିଶା ପକ୍ଷରୁ ଅଙ୍ଗନବାଡ଼ି କର୍ମଚାରୀଙ୍କ ୧୫ ଦଫା ଦାବି ପୂରଣ ନିମନ୍ତେ ଆସନ୍ତା ୧୯ ତାରିଖରେ ବିକ୍ଷୋଭ ଓ ମହିଳା ଶିଶୁ ବିକାଶ ବିକାଶ ବିଭାଗ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ଦାବିପତ୍ର ପ୍ରଦାନ ପରିପ୍ରେକ୍ଷୀରେ ଏଆଇଟିୟୁସି ଅନୁବନ୍ଧିତ ନିଖିଳ ଓଡିଶା ଅଙ୍ଗନବାଡ଼ି କର୍ମୀ ସଂଘର ଜଗତ୍‌ସିଂହପୁର ଜିଲ୍ଲା କମିଟିର ବୈଠକ ସ୍ଥାନୀୟ ସୁବର୍ଣ୍ଣ ବରାହୀ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାନେତ୍ରୀ କବିତା ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅଙ୍ଗନବାଡି କର୍ମଚାରୀ ୟୁନିଅନ ସଂଯୁକ୍ତା ମୋର୍ଚ୍ଚା ପକ୍ଷରୁ ସୂଚିତ କରାଯାଇଥିବା ୧୫ ଦଫା ଦାବି ସମ୍ପର୍କରେ ଆଲୋଚନା କରାଯିବା ସହ ଆସନ୍ତା ୧୯ ତାରିଖ ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା। ବୈଠକରେ ଜିଲ୍ଲା ସମ୍ପାଦିକା ଜ୍ୟୋତ୍ସ୍ନାମୟୀ ସାମନ୍ତରାୟ, ବାଲକୁଦା ବ୍ଲକ ସଭାନେତ୍ରୀ ଶଶୀରେଖା ଦାଶ, ବିରିଡି ବ୍ଲକ ସଭାନେତ୍ରୀ ବବିତା ଦାସ, ସମ୍ପାଦିକା କବିତା ପଟ୍ଟନାୟକ, ନାଉଗାଁ ବ୍ଲକ ସଭାନେତ୍ରୀ ସୋନାଲି ସ୍ୱାଇଁ, କୁଜଙ୍ଗ ବ୍ଲକ ସଭାନେତ୍ରୀ ସବିତା ପଣ୍ଡା, ସମ୍ପାଦିକା ତଟିନୀ ମହାପାତ୍ର, ତିର୍ତ୍ତୋଲ ବ୍ଲକ ସଭାନେତ୍ରୀ ନୀଳିମା ସାହୁ, ସମ୍ପାଦିକା ସ୍ୱର୍ଣ୍ଣଲତା ଦାସ, ଏରସମା ବ୍ଲକ ସଭାନେତ୍ରୀ ରୀନା ଗୋଛାୟତ, ସମ୍ପାଦିକା ନିର୍ଝରାବାଳା ସାହୁ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।




## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡ଼ା



ମାର୍ଶାଘାଇ, ୯।୧୨(ସମିସ): ମାର୍ଶାଘାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ରବିବାର ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଏହି କ୍ରୀଡ଼ାରେ ବିଦ୍ୟାଳୟର ୫୭୫ ଜଣ ବିଦ୍ୟାର୍ଥୀ ପ୍ରତିଯୋଗୀ ଭାବେ ଅଂଶଗ୍ରହଣ କରିଥିଲେ। ବିଦ୍ୟାମନ୍ଦିର ପରିଚାଳନା କମିଟି ସଭାପତି ମଧୁସୂଦନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରା ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ପରିଚାଳନା କମିଟି ସମ୍ପାଦକ ଶିକ୍ଷାବିତ୍ ଚନ୍ଦ୍ରମଣି ସାହୁ, ଉପ ସଭାପତି ରମେଶ ଚନ୍ଦ୍ର ପରିଡା, କୋଷାଧ୍ୟକ୍ଷ ଦେବେନ୍ଦ୍ର କୁମାର ମହାନ୍ତି ଅତିଥି ଭାବେ ମଞ୍ଚାସୀନ ଥିଲେ। ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ରମାକାନ୍ତ ବେଉରା ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ରବିବାର ଉଦ୍‌ଯାପନୀ ଦିବସରେ ପ୍ରାକ୍ତନ କ୍ରୀଡ଼ା ଶିକ୍ଷକ ସୁଦର୍ଶନ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥି। ବିଦ୍ୟାମନ୍ଦିରର ଶାରୀରିକ ପ୍ରମୁଖ ଯୋଗେନ୍ଦ୍ର ପ୍ରଧାନ କ୍ରୀଡ଼ା ପ୍ରତିଯୋଗିତାକୁ ପରିଚାଳନା କରିଥିବା ବେଳେ ସମସ୍ତ ଗୁରୁଜୀ, ଗୁରୁମା, ସେବକସେବିକା, ମାତୃଭାରତୀ ସଦସ୍ୟାମାନେ ସହଯୋଗ କରିଥିଲେ।

## ସ୍ନେହମୟୀଙ୍କୁ ଆଦର୍ଶ ନାରୀ ସମ୍ମାନ



**କୁଜଙ୍ଗ, ୯।୧୨(ସମିସ):** କୁଜଙ୍ଗ ବ୍ଲକ ପଙ୍କପାଳ ପଞ୍ଚାୟତ ଜନାପାଳ ଗ୍ରାମ ନିବାସୀ ସ୍ନେହମୟୀ ଆଚାର୍ଯ୍ୟଙ୍କୁ ନିରବଚ୍ଛିନ୍ନ ସେବା, ଅସହାୟ ଲୋକଙ୍କ ଥଇଥାନ ବିଶେଷକରି ଅବହେଳିତ ବୃଦ୍ଧବୃଦ୍ଧା ମାନଙ୍କୁ ସେମାନଙ୍କ ହକ୍‌ଦେବାରେ ଚଳାଇଥିବା ଅଭିଯାନ ପାଇଁ ଅଣଖିଆ ଅଡଙ୍ଗଗଡରେ ଯଶୋବନ୍ତ ସାହିତ୍ୟ ସଂସ୍କୃତି ସଂସଦ ପକ୍ଷରୁ ଆଦର୍ଶ ନାରୀ ସମ୍ମାନରେ ସମ୍ମାନିତ କରାଯାଇଛି। ବ୍ରହ୍ମଚାରୀ ବାବା ସତ୍ୟାନନ୍ଦ ଦାସ ମହାରାଜ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସାଂସଦ ବିଭୂ ପ୍ରସାଦ ତରାଇ, ଜିଲ୍ଲାର ଦୁଇ ବିଧାୟକ ପ୍ରଫେସର ଡ.ରମାକାନ୍ତ ଭୋଇ, ସାରଦା ପ୍ରସନ୍ନ ଜେନା ପ୍ରମୁଖ ଅଦର୍ଶ ନାରୀ ସମ୍ମାନ ପ୍ରଦାନ କରିଥିଲେ। ଏହି ଅବସରରେ ମଦନ ମୋହନ ସ୍ମୃତି ସମ୍ମାନ ସହ ରୌପ୍ୟ ପଦକ ଓ ମାନପ୍ରତ ସହ ଉପଢୌକନ ପ୍ରଦାନ କରାଯାଇଛି। ପିତା ତଥା ଉପଭୋକ୍ତା ଆନ୍ଦୋଳନର ପ୍ରମୁଖ ବ୍ୟକ୍ତିତ୍ୱ ବଂଶୀଧର ଆଚାର୍ଯ୍ୟ ଓ ବିବାହ ପରେ ସ୍ୱାମୀ ତଥା ଶିକ୍ଷାବିତ୍ ଡ. ସିଦ୍ଧେଶ୍ୱର ପଣ୍ଡାଙ୍କ ପ୍ରେରଣାରେ ସ୍ନେହମୟୀ ଏବେ କେବଳ ଜିଲ୍ଲା ନୁହେଁ, ନାରୀ ଜାଗୃତି ଓ ନାରୀ ସଶକ୍ତିକରଣ କ୍ଷେତ୍ରରେ ଲୋକପ୍ରିୟ ନାମ। ଅବହେଳିତଙ୍କୁ ନ୍ୟାୟ ପାଇଁ ସଂଗ୍ରାମ ଓ ଉପଭୋକ୍ତା ହକ୍ ପାଇଁ ତାଙ୍କ ଲଢେଇକୁ ସଂସଦର ସଭାପତି ଦେବୀ ପ୍ରସାଦ ତ୍ରିପାଠୀ ଓ ସମ୍ପାଦକ ସୁବ୍ରତ ମହାପାତ୍ରଙ୍କ ସହ ଉପସ୍ଥିତ ଅତିଥି ମାନେ ପ୍ରଶଂସା କରିଥିଲେ।

## ରାହାମା ଆରଏମ୍‌ସିର ଅଧିବେଶନ

**କୁଜଙ୍ଗ, ୯।୧୨ (ସମିସ):** ନିୟନ୍ତ୍ରୀତ ବଜାର କମିଟି ରାହାମାର ନବ ନିର୍ବାଚିତ ସଦସ୍ୟ ମାନଙ୍କୁ ନେଇ ପ୍ରଥମ ତଥା ବଜାର କମିଟିର ଷଡବିଂଶତମ ଅଧିବେଶନ ଅନୁଷ୍ଠିତ ହୋଇ ଯାଇଛି। ନିୟନ୍ତ୍ରୀତ ବଜାର କମିଟି ରାହାମାର ଅଧ୍ୟକ୍ଷ ତଥା ତଥା ପାରାଦୀପର ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ନିୟନ୍ତ୍ରୀତ ବଜାର କମିଟି ରାହାମାର ନୂତନ ସଦସ୍ୟ ମାନଙ୍କୁ ସ୍ୱାଗତ କରିବା ସହ ଏରସମା ଓ କୁଜଙ୍ଗ ବ୍ଲକର ଚାଷୀ ଭାଇ ଭଉଣୀ ମାନଙ୍କ ସମୃଦ୍ଧି ହୋଇ ପାରିବ ସେ ନେଇ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ କମିଟି ସଦସ୍ୟଙ୍କ ଭୂମିକା ଓ ଦାୟିତ୍ୱ ନେଇ ବିଷଦ ଆଲୋଚନା କରିବା ସହ ଆସନ୍ତା ବର୍ଷ ପାଇଁ ଅର୍ଥାତ ୨୦୨୪-୨୫ ପାଇଁ ଆୟ-ବ୍ୟୟ ଅଟକଳ ଗୃହୀତ ହୋଇଥିଲା।

## ମୃତ ବିଟେକ୍ ଛାତ୍ରଙ୍କ ଆଖି ଦାନ କଲେ ପିତାମାତା



**ପାରାଦୀପ, ୯।୧୨ (ସମିସ):** ଗତ ଶନିବାର ରାତିରେ ପାରାଦୀପ ବାଲିଝରା ବସ୍ତିର ଅନନ୍ତ ଜେନାଙ୍କ ବଡ଼ ପୁଅ ରଶ୍ମି ରଞ୍ଜନ ଜେନା (୨୦) ଙ୍କର ଭୁବନେଶ୍ୱର ଫାୟାର ଷ୍ଟେସନ ଛକ ନିକଟରେ ଦୁର୍ଘଟଣାରେ ଦେହାନ୍ତ ହୋଇଥିଲା। ମୃତ୍ୟୁ ପରେ ପିତା ଅନନ୍ତ ଜେନା ଓ ମାତା ସ୍ୱପ୍ନାରାଣୀ ଜେନା ପୁଅର ଆଖିକୁ ଦୃଷ୍ଟି ଦାନ ଆଇ ବ୍ୟାଙ୍କ (ଏଲ ଭି ପ୍ରସାଦ ଆଇ ଇନଷ୍ଟିଚ୍ୟୁଟ ଭୁବନେଶ୍ୱର) କୁ ଦାନ କରିଛନ୍ତି। ଏଭଳି ମହତ କାମ ପାଇଁ ପାରାଦୀପ ଅଞ୍ଚଳରେ ତାଙ୍କୁ ପ୍ରଶଂସା କରାଯାଇଛି। ମୃତ ଯୁବକ ଜଣଙ୍କ ପାରାଦୀପ ୫ ନମ୍ବର ୱାର୍ଡର କାଉନସିଲର ସ୍ୱପ୍ନାରାଣୀ ଜେନା ଓ ତାଙ୍କ ସ୍ୱାମୀ ଅନନ୍ତ ଜେନାଙ୍କ ବଡ଼ ପୁଅ ହୋଇଥିବା ବେଳେ ସେ ଭୁବନେଶ୍ୱରର ଏକ ଘରୋଇ ଇଞ୍ଜିନିଅରିଂ କଲେଜରେ ବିଟେକ୍‌ଛାତ୍ର ଥିଲେ। ସାଙ୍ଗ ମାନଙ୍କ ସହ ରାତ୍ରିଭୋଜନ କରି ହଷ୍ଟେଲକୁ ଫେରୁଥିବା ବେଳେ ବାଟରେ ଦୁର୍ଘଟଣା ଘଟିଥିଲା। ତୁରନ୍ତ ତାଙ୍କୁ ଭୁବନେଶ୍ୱର ଏମ୍ସ ହସ୍ପିଟାଲକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ଜଣା ପଡିବା ପରେ ପାରାଦ୍ୱୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ ସହିତ ସମସ୍ତ ପାରିଷଦ, ମୋନିଦିପା ସର୍ଖେଲ, ସମୀର ବିଶ୍ୱାଳ, ପୌର ଉପାଧକ୍ଷା ଛବିଲତା ରାଉତ ପ୍ରମୁଖ ମେଡିକାଲରେ ପହଞ୍ଚିଥିଲେ। ପରେ ମୃତ ଶରୀରକୁ ତାଙ୍କ ଗ୍ରାମ ସତ୍ୟବାଦୀର ଗଡ଼ସାନପୁରକୁ ନିଆଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ କରାଯାଇଥିଲା। ସେ ଜଣେ ଅତି ସରଳ ସ୍ୱଭାବର ପିଲା ହୋଇଥିବା ବେଳେ ଜଣେ ମେଧାବୀ ଛାତ୍ର ମଧ୍ୟ ଥିଲା। ତାର ବାଲିଝରା ବସ୍ତିର ସହପାଠୀ ମାନେ ଏଭଳି ମୃତ୍ୟୁକୁ ସହଜରେ ଗ୍ରହଣ କରି ପାରୁ ନାହାନ୍ତି।

## ଦେବେନ୍ଦ୍ର ସ୍ୱାଇଁଙ୍କ ବିୟୋଗରେ ଶୋକ

**ମଣିଜଙ୍ଗା, ୯।୧୨(ସମିସ):** ତିର୍ତ୍ତୋଲ ବ୍ଲକ୍ ବିକିପୁରୁ ଗ୍ରାମର ଦେବେନ୍ଦ୍ର କୁମାର ସ୍ୱାଇଁ (୫୮) ଙ୍କର ପରଲୋକ ହୋଇଯାଇଛି। ସେ ଅସୁସ୍ଥତା ଯୋଗୁଁ ମେଡିକାଲରେ ଚିକିତ୍ସାଧୀନ ଥିଲେ। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ମାତ୍ରେ ଏ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଆସି ତାଙ୍କର ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର ଜିତେନ୍ଦ୍ର , ରାଜେନ୍ଦ୍ର , ସୁରେନ୍ଦ୍ର, ବୋହୂ ରାଜଶ୍ରୀ , ମେନକା , ରୋଜାଲିନି, ଧର୍ମ ପତ୍ନୀ ଜୋସ୍ନାରାଣୀ ସ୍ୱାଇଁ ଉପସ୍ଥିତ ଥିଲେ। ନାମ ସଂକୀର୍ତ୍ତନ ସହ ଗ୍ରାମ ଶ୍ମଶାନରେ ତାଙ୍କର ଶବ ସଂସ୍କାର କରାଯାଇଥିଲା ।

# ବିନା ଜଳସେଚନରେ ଜଳକର ଦେଉଛନ୍ତି ଚାଷୀ

### ଜଳକର ମୁକ୍ତ ପାଇଁ ଦାବିପତ୍ର



**ବାଲିକୁଦା/ ଜଗତସିଂହପୁର, ୯।୧୨(ସମିସ):** ବାଲିକୁଦା ତହସିଲ ଅରିଲ ମୌଜା ଆରଆଇ ସର୍କଲ ଅଧୀନ ଥାଇଲ ଗ୍ରାମର ଗ୍ରାମବାସୀମାନେ ବିନା କେନାଲ ପାଣିର ବ୍ୟବସ୍ଥାରେ ପ୍ରତିବର୍ଷ ଜଳକର ଦେଉଥିବା ଜଣାପଡିଛି। ସେମାନେ ବାଲିକୁଦା ତହସିଲଦାର ଆଲୋକ ରଞ୍ଜନ ସେଠୀଙ୍କୁ ଭେଟି ଚାଷ ଜମିରୁ ଜଳକର ଉଚ୍ଛେଦ ପ୍ରସଙ୍ଗରେ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁସାରେ, ଥାଇଲ ଗ୍ରାମରେ କେନାଲ ଥାଇ ସୁଦ୍ଧା ବ୍ରିଟିଶ ଅମଳରୁ ଆଜି ପର୍ଯ୍ୟନ୍ତ ସେଥିରେ ପାଣି ମୁହାଏ ଆସେ ନାହିଁ। ଜଳସେଚନ ଅଭାବରୁ ଫସଲ ଚାଷ ବାଧାପ୍ରାପ୍ତ ହୋଇଥାଏ । ତେବେ ପ୍ରତିବର୍ଷ ବିନା ଜଳରେ ଜଳକର ବ୍ୟବସ୍ଥା ଚାଷୀମାନଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଥାଏ। ୧୯୮୭ ମସିହାରେ ଚକବନ୍ଦୀ ପୂର୍ବରୁ ଥାଇଲ ଗ୍ରାମକୁ ଜଳକର ଧାର୍ଯ୍ୟ ନଥିଲା। ଚକବନ୍ଦୀ ପରେ ଏହି ଜଳକର ଧାର୍ଯ୍ୟ ହୋଇଥିବା କାରଣରୁ ଗ୍ରାମବାସୀଙ୍କ ଏହା ଅସନ୍ତୋଷର କାରଣ ପାଲଟିଛି। ଏନେଇ ବାରମ୍ବାର ତହସିଲ ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ ହୋଇଥିଲେ ମଧ୍ୟ ଏହି ସମସ୍ୟାର ସମାଧାନ ହେଉ ନାହିଁ। ଉପରିସ୍ଥ ଅଧିକାରୀ ଘଟଣା ସ୍ଥଳକୁ ଯାଇ ସରଜମିନ ତଦନ୍ତ କରିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଗ୍ରାମବାସୀଙ୍କୁ କେନାଲ ଯୋଗେ ଜଳ ଯୋଗାଇ ଦିଆଯାଇନାହିଁ। ଏହା ବୁଡି ଅଞ୍ଚଳ ହୋଇଥିବା କାରଣରୁ ବର୍ଷା ଦିନରେ ଜଳ ନିଷ୍କାସନ ହୋଇ ନପାରି ଚାଷୀଙ୍କ ବ୍ୟାପକ କ୍ଷୟକ୍ଷତି ହେଉଛି। କେନାଲରେ ପାଣି ନ ଆସି ଜଳକର ଦେବା ପାଇଁ ନୋଟିସ ଆସୁଛି। ଜିଲ୍ଲାପାଳଙ୍କୁ ଅଭିଯୋଗ କରି ସମସ୍ୟାର ସମାଧାନ ପାଇଁ ନିବେଦନ କରାଯାଇଥିବା ବେଳେ ଅଭିଯୋଗ ଆଧାରରେ ଜଳ ସମ୍ପଦ ବିଭାଗ ଏସ୍‌ଡିଓ ଓ ତହସିଲଦାର ଗତ ୫ ଡିସେମ୍ବରରେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ସମୟରେ ଗ୍ରାମବାସୀ ଏହି ଅଞ୍ଚଳ ବୁଡି ଅଞ୍ଚଳ ହୋଇଥିବା କାରଣରୁ କେନାଲର ଆବଶ୍ୟକତା ନାହିଁ ବୋଲି ନିବେଦନ କରିଥିଲେ। ତେବେ ଏହାକୁ ବିଚାର କରି ସବୁଦିନ ଲାଗି ଏହି ଅଞ୍ଚଳକୁ ଜଳକର ମୁକ୍ତ କରିବା ପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

## 'ସିଦ୍ଧବାରଙ୍ଗ ପୀଠ ଓ ଭକ୍ତ ବସନ୍ତ ଦାସ' ଶୀର୍ଷକ ଆଲୋଚନାଚକ୍ର



**ଜଗତସିଂହପୁର, ୯।୧୨(ସମିସ):** ଆଧାତ୍ମିକ କ୍ଷେତ୍ର ସିଦ୍ଧ ବାରଙ୍ଗପୀଠ ଓ ବଡ଼ବାଗର ବସନ୍ତ ଦାସ ଶୀର୍ଷକ ଆଲୋଚନା ଚକ୍ର ଜଗତସିଂହପୁର ସାରସ୍ୱତ ପରିଷଦ ଓ ସିଦ୍ଧବାରଙ୍ଗ ସାଂସ୍କୃତିକ ପରିଷଦ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ପୂର୍ଣ୍ଣଗ୍ରାମ ସ୍ଥିତ ସିଦ୍ଧବାରଙ୍ଗ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏହି ଆଧାତ୍ମିକ ଆଲୋଚନାଚକ୍ରରେ ଯୋଗଦେଇ ଅତିଥିମାନେ ବାରଙ୍ଗପୀଠର ମହାତ୍ମ୍ୟ ଓ ବିକାଶ ସଂପର୍କରେ ମତ ପୋଷଣ କରିଥିଲେ। ସିଦ୍ଧବାରଙ୍ଗ ପୀଠ ସାଂସ୍କୃତିକ ପରିଷଦର ସଭାପତି ପ୍ରଭାକର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକ ଶରତ ଚନ୍ଦ୍ର ମହାପାତ୍ର ଆଲୋଚନା ଚକ୍ରର ଆଭିମୁଖ୍ୟ ଓ ସିଦ୍ଧବାରଙ୍ଗ ପୀଠର ମାହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବସନ୍ତ କୁମାର ଦାଶ ଯୋଗଦେଇ ଦୀର୍ଘ ୨୮ ବର୍ଷ ଧରି ଏହି ପୀଠରେ ଜଗନ୍ନାଥ ସଂସ୍କୃତିର ପ୍ରସାର ପ୍ର.ର ସହ ରାମ ଚରିତ ମାନସ ପାରାୟଣ କରାଯାଇ ଲୋକମାନଙ୍କ ଭିତରେ ଆଧାତ୍ମିକ ଚେତନା ଜାଗ୍ରତ କରାଯିବା ଏକ ଉଲେଖଯୋଗ୍ୟ ଘଟଣା ବୋଲି କହିଥିଲେ। ସାରସ୍ୱତ ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ତାଙ୍କ ବକ୍ତବ୍ୟରେ ସିଦ୍ଧବାରଙ୍ଗ ପୀଠର ଇତିହାସ ଉପରେ ସବିଶେଷ ତଥ୍ୟ ପ୍ରଦାନ କରିବା ସହ ବଡ଼ବାଗର ସ୍ୱର୍ଗତ ବସନ୍ତ ଦାସ ଏହି ପୀଠର ବିକାଶ, ପ୍ରସାର ଓ ପ୍ରଚାରରେ ନିଜକୁ କିପରି ଉତ୍ସର୍ଗ କରିଥିଲେ ସେ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ସ୍ୱାଇଁ, ଶିକ୍ଷୟିତ୍ରୀ ମିତାଲି ମଧୁଛନ୍ଦା, ସୁନନ୍ଦା ସାହୁ, ଶିକ୍ଷାବିତ୍ ଈଶ୍ୱରଚନ୍ଦ୍ର ନନ୍ଦ, ସୁଚିତ୍ରା ଖୁଣ୍ଟିଆ, ସେବକ ଧୀରେନ୍ଦ୍ରନାଥ ଖଣ୍ଟିଆ, ତୁଷାର କୁମାର ଘୋଷ, ନବଘନ ଦାଶ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ପ୍ରଭୁ ଶ୍ରୀ ଜଗନ୍ନାଥ ବର୍ଷକରେ ଥରେ ମାର୍ଗଶୀର କୃଷ୍ଣ ଚତୁର୍ଦ୍ଦଶୀ ଦିନ ଏହି ପୀଠକୁ ଆସିଥାନ୍ତି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମ ପରି.ଳନାରେ ଦୀପ୍ତିରଞ୍ଜନ ମହାପାତ୍ର, କାଳନ୍ଦି ଚରଣ ନନ୍ଦ, ଲକ୍ଷ୍ମୀଧର ପାତ୍ର, ଟୁଙ୍ଗେଇ ଚରଣ ପାତ୍ର, ବିଷ୍ଣୁଚରଣ ସ୍ୱାଇଁ , ହୃଷିକେଶ ଖୁଣ୍ଟିଆ ଓ ଜ୍ଞାନରଞ୍ଜନ ପାତ୍ର ସହାୟତା କରିଥିଲେ। ଶେଷରେ ମହେନ୍ଦ୍ରନାଥ ଖଣ୍ଟିଆ ଧନ୍ୟବାଦ ଦେଇଥିଲେ।

## ବୁଣାକାରଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର ଉଦ୍‌ଘାଟିତ

**ଜଗତସିଂହପୁର, ୯।୧୨(ସମିସ):** ରାଜ୍ୟ ସରକାରଙ୍କ ହସ୍ତତନ୍ତ ଶିଳ୍ପ ଯୋଜନା ମାଧ୍ୟମରେ ବୁଣାକାରଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ମୌଳିକ ବୟନ ତାଲିମ ଶିବିର ନେତାଜୀ ତନ୍ତୁବାୟ ସମିତି ଲିଃ କାଦୁଅପଡା ପକ୍ଷରୁ ସିଦ୍ଧଳ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ହସ୍ତତନ୍ତ ବୟନ ଶିଳ୍ପ ତାଲିମ ଶିବିରକୁ ବୟନଶିଳ୍ପ ଉପ ନିର୍ଦ୍ଦେଶକ ଆଶୁତୋଷ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ସମାଜସେବୀ ପ୍ରିୟନାଥ ରାୟ, ସମ୍ମାନିତ ଅତିଥିଭାବେ ବୟନଶିଳ୍ପ ନିରୀକ୍ଷକ ଶାନ୍ତିଲତା ମାଝି, ବୟନ ସହାୟକ ମନୋରଞ୍ଜନ ନାଥ, ବରିଷ୍ଠ ବୁଣାକାର ନାରାୟଣ ଦାସ, ନେତାଜୀ ତନ୍ତୁବାୟ ସମିତି ଲିଃ ର ସଭାପତି ଜଟାଧାରୀ ବେହେରା, ସମ୍ପାଦକ ଚୈତନ୍ୟ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ବୟନ ଶିଳ୍ପ ତାଲିମି ଶିବିର ଡିସେମ୍ବର ନଅ ତାରିଖରୁ ଆରମ୍ଭ ହୋଇ ଜୁନ ଆଠ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କୋଡିଏରୁ ଅଧିକ ମହିଳାଙ୍କୁ ହସ୍ତ ଶିଳ୍ପ ଏବଂ ବୟନ ଶିଳ୍ପ ଉପରେ ଦୀର୍ଘ ୬ ମାସ ପର୍ଯ୍ୟନ୍ତ ଅଭିଜ୍ଞ ମାଷ୍ଟର ଟ୍ରେନର ମାନଙ୍କ ଦ୍ୱାରା ତାଲିମ ଏବଂ ଜୀବିକା ସହାୟତା ପ୍ରଦାନ କରାଯିବ। ତାଲିମ ପ୍ରାପ୍ତ ମହିଳା ମାନଙ୍କୁ ଆତ୍ମନିର୍ଭରଶୀଳ କରାଯିବା ନିମନ୍ତେ ହସ୍ତତନ୍ତ ଏବଂ ବୟନଶିଳ୍ପ ବିଭାଗ ପକ୍ଷରୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରାଯିବ ବୋଲି ବୟନ ଶିଳ୍ପ ଉପ ନିର୍ଦ୍ଦେଶକ ଗଣ ମାଧ୍ୟମକୁ ସୂଚନା ପ୍ରଦାନ କରିଥିଲେ। ଏ ସମସ୍ତ କାର୍ଯ୍ୟକ୍ରମକୁ ଗିରିଧାରୀ ବେହେରା, ଅଜୟ କୁମାର ଚାନ୍ଦ, ପ୍ରଫୁଲ୍ଲ କୁମାର ସାହୁ , ଭୋଳାନାଥ ବେହେରା, ଆଦିତ୍ୟ ବେହେରା, ସନ୍ଧ୍ୟାରାଣୀ ବେହେରା ଓ ସମସ୍ତ କର୍ମକର୍ତା ପରିଚାଳନା କରିଥିଲେ।

## ପାରାଦୀପ ଟ୍ରକ ମାଲିକ ସଂଘ ନିର୍ବାଚନ । ସୁମନ୍ତ ବିଶ୍ୱାଳଙ୍କ ପ୍ୟାନେଲ୍‌ର ପ୍ରାର୍ଥିପତ୍ର ଦାଖଲ



**ପାରାଦୀପ, ୯।୧୨ (ସମିସ) :** ଚଳିତ ମାସ ୨୨ ତାରିଖରେ ପାରାଦୀପ ଟ୍ରକ ମାଲିକ ସଂଘର ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଏନେଇ ଆଜିଠାରୁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ଆଜି ସୁମନ୍ତ ବିଶ୍ୱାଳଙ୍କ ପ୍ୟାନେଲର ସମସ୍ତ ୭ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ପ୍ରଥମେ ଲୋକନାଥ ଜୀଉଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇ ସଂଘ କାର୍ଯ୍ୟାଳୟ ରେ ନିର୍ବାଚନ କମିଟି ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ସୁମନ୍ତଙ୍କ ଟିମ୍‌ରେ ନିଜେ ସୁମନ୍ତ ବିଶ୍ୱାଳ ସଭାପତି ପଦ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ଉପ ସଭାପତି ପାଇଁ ଦୁଇଜଣ ପ୍ରଦୀପ୍ତ ଗାହଣ ଓ ପ୍ରଭାତ କୁମାର ନାୟକ, ସାଧାରଣ ସମ୍ପାଦକ ପାଇଁ ରାଜେଶ ମହାନ୍ତି, ଯୁଗ୍ମ ସମ୍ପାଦକ ପାଇଁ ଦୁଇଜଣ ସମ୍ବିତ ତ୍ରିପାଠୀ ଓ ସୂର୍ଯ୍ୟକାନ୍ତ ପରିଡ଼ା ଓ କୋଷାଧକ୍ଷ ପାଇଁ ସ୍ମୃତି ରଞ୍ଜନ ସାମନ୍ତରାୟ ପ୍ରମୁଖ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

## ବାଲି ଚାଲାଣ ଗାଡ଼ି ଜବତ

### ରାତିରେ ଧରି ସକାଳେ ଛାଡ଼ିଦେଲା ପୁଲିସ



**ପାରାଦୀପ, ୯।୧୨ (ସମିସ) :** ଗତକାଲି ରାତିରେ ଏକ ବେଆଇନ ବାଲି ଚାଲାଣ କରୁଥିବା ଗାଡିକୁ ପୁଲିସ ଜବତ କରିବା ସହ ଥାନାକୁ ଆଣିଥିବା କଥା ବନ୍ଦର ସହରରେ ଚର୍ଚ୍ଚା ହୋଇଥିଲା। ସକାଳେ କୌଣସି ମାମଲା ରୁଜୁ ନକରି ପୁଲିସ ଗାଡିଟିକୁ ଛାଡି ଦେଇଥିଲା। ତାକୁ ନେଇ ଏବେ ପାରାଦୀପ ବନ୍ଦର ସହରରେ ଚର୍ଚ୍ଚା ଜୋର ଧରିଛି। ଏ ବାଲି କେଉଁଠୁ ଆସୁଥିଲା, କେଉଁଠିକି ଯାଉଥିଲା ଏବଂ ତାର ଆବଶ୍ୟକୀୟ କାଗଜପତ୍ର ଥିଲା କି ନାହିଁ ତାକୁ ନେଇ ଏବେ ସାଧାରଣରେ ପ୍ରଶ୍ନ ଉଠିଛି। ଯଦି ଥିଲା, ପୁଲିସ ରାତିରେ ଜବତ କଲାବେଳେ ଡ୍ରାଇଭର ଆବଶ୍ୟକୀୟ କାଗଜପତ୍ର ଦେଖାଇଲା ନାହିଁ କାହିଁକି? ଏ ସମ୍ପର୍କରେ ଥାନା ଅଧିକାରୀ କାବୁଲି ସାହୁଙ୍କୁ ପଚାରିବାରୁ ସେ କହନ୍ତି ପଛରେ ଆଜି ଆବଶ୍ୟକୀୟ କାଗଜପତ୍ର ଗାଡି ମାଲିକ ଦେଖାଇ ଥିବାରୁ ତାକୁ ଛାଡି ଦିଆଗଲା। ତେବେ ଏଠାରେ ପ୍ରଶ୍ନ ଉଠେ ଯଦି ଗାଡି ମାଲିକ ଆଜି କାଗଜ ପତ୍ର ଦେଖାଇ ପାରିଲେ ତେବେ କାଲି ବାଲି ଚାଲାଣ ବେଳେ ଗାଡ଼ିରେ ବାଲି ଉଠିବାର ପରିମିଶନ କାଗଜ କେଉଁଠାରେ ଥିଲା ?ରାଜନୈତିକ ଚାପ ପକାଇ ଗାଡ଼ିକୁ ଛାଡ଼ି ଦିଆଯାଇଥିବା ଅଭିଯୋଗ ହେଉଛି।

## ଟ୍ରେଲର ଧକ୍କାରେ ମହିଳାଙ୍କ ମୃତ୍ୟୁ

### ସ୍ୱାମୀ ଆଗରେ ସ୍ତ୍ରୀର ଜୀବନ ଗଲା



**ପାରାଦୀପ, ୯।୧୨(ସମିସ):** ପାରାଦୀପ ଜିରୋ ପଏଣ୍ଟ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ମହିଳାଙ୍କର ମୃତ୍ୟୁ ହୋଇଥିବାବେଳେ ତାଙ୍କ ସ୍ୱାମୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ମୃତ ମହିଳା ଜଣଙ୍କ ହେଲେ କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ଥାନା ଅନ୍ତର୍ଗତ ନାରାୟଣ ପୁରର ପ୍ରଭାତ ସାହୁଙ୍କ ସ୍ତ୍ରୀ ପଦ୍ମାବତୀ ସାହୁ (ସିଲା)। ସେ ଚୂନ ଗ୍ରାମରେ ଘର ନିର୍ମାଣ କରି ରହୁଥିଲେ। ତାଙ୍କ ସ୍ୱାମୀ ଇଫ୍‌କୋର ଜଣେ ଠିକାଦାରଙ୍କ ନିକଟରେ କାର୍ଯ୍ୟ କରୁଥିଲେ। ପାରାଦୀପ ଗଡ଼ରୁ ଉଭୟ ସ୍ୱାମୀ ସ୍ତ୍ରୀ ନିଜ ସ୍କୁଟି ରେ ପାରାଦୀପ ଯାଉଥିବା ବେଳେ ଜିରୋ ପଏଣ୍ଟ ନିକଟରେ ଏକ ଅଜଣା ଟ୍ରେଲର ଗାଡ଼ି ପଛପଟୁ ଧକ୍କା ଦେଇ ଫେରାର ହୋଇଯାଇଛି। ତେବେ ପ୍ରଭାତ ଗାଡ଼ିରୁ ଛିଟିକି ରାସ୍ତା କଡ଼କୁ ପଡ଼ିଯିବାରୁ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ତାଙ୍କ ସ୍ତ୍ରୀ ପଦ୍ମାବତୀଙ୍କ ଉପରେ ଟ୍ରେଲର ଚଢ଼ିଯିବା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ପାରାଦୀପ ଲକ୍ ଥାନା ପୁଲିସ ପହଞ୍ଚି ମୃତଦେହ ଜବତ କରି ଅଠରବାଙ୍କି ଡାକ୍ତରଖାନାକୁ ପଠାଇବା ସହ ଅଧିକ ତଦନ୍ତ ଜାରି ରଖିଛି। ଦୁର୍ଘଟଣା ଘଟାଇଥିବା ଟ୍ରେଲରକୁ ପୁଲିସ ପାରାଦୀପରୁ ଜବତ କରିଛି। ମୃତ ମହିଳାଙ୍କର ଦୁଇଟି କନ୍ୟା ସନ୍ତାନ ରହିଥିବା ବେଳେ ତାଙ୍କର ବାପ ଘର ଜଗତସିଂହପୁରରେ ବୋଲି ଜଣାପଡିଛି।

## ଅସହାୟ ବୃଦ୍ଧବୃଦ୍ଧା ଓ ଭିନ୍ନକ୍ଷମଙ୍କ ତୀର୍ଥଦର୍ଶନ



**ଜଗତସିଂହପୁର, ୯।୧୨(ସମିସ):** ଜିଲ୍ଲାର ତିର୍ତ୍ତୋଲ ବ୍ଲକ ମୁଳିସିଂହ ପଞ୍ଚାୟତ ଅନ୍ତର୍ଗତ ହରସିଂହପୁର ଗ୍ରାମର ଶ୍ରୀରାମ ସେନା ସେବା ସଂଗଠନ ଆନୁକୂଲ୍ୟରେ ଅସହାୟ ବୃଦ୍ଧ ବୃଦ୍ଧା ଓ ଭିନ୍ନକ୍ଷମ ମାନଙ୍କ ପାଇଁ ବିନାମୂଲ୍ୟରେ ତୀର୍ଥଦର୍ଶନ କରାଇବା ନିମନ୍ତେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି ଉପଲକ୍ଷେ ସୋମବାର ୫୦ରୁ ଅଧିକ ଲୋକମାନଙ୍କୁ ନେଇ ତୀର୍ଥଯାତ୍ରାର ଶୁଭାରମ୍ଭ ହୋଇଛି। କାକଟପୁର ମା' ମଙ୍ଗଳା ମନ୍ଦିର, କୋଣାର୍କ, ରାମଚଣ୍ଡୀ ଓ ଶେଷରେ ପୁରୀ ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ସହ ମହାପ୍ରସାଦ ସେବନ କରି ତୀର୍ଥଯାତ୍ରୀମାନେ ଫେରି ଆସିବେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ଶ୍ରୀରାମ ସେନା ର କର୍ମକର୍ତ୍ତା ଟହଲି ଚରଣ ଦାସ, କିଶୋର ଦାସ , ପ୍ରସନ୍ନ ବ୍ରହ୍ମ , ଜ୍ଞାନରଞ୍ଜନ ଜେନା, ସୁଖରାମ ସିଂହ, ନିରଞ୍ଜନ ଦାସ, ରାଜେଶ ବେହେରା, ସନାତନ ବେହେରା, ସନ୍ଦୀପ ମଲ୍ଲିକ, ଶିବବ୍ରତ ମହାନ୍ତି, ଅଂଶୁମାନ ବେହେରା, ଶ୍ରୀକାନ୍ତ ରାଉତ, ପ୍ରଶାନ୍ତ ସାହୁ ଓ ଜଗନ୍ ଦାସ ପ୍ରମୁଖ ପରିଚାଳନା କରିଥିଲେ

## ଡ.ବିଆର୍ ଆମ୍ବେଦକରଙ୍କ ମହାପ୍ରୟାଣ ଦିବସ



**ତିର୍ତ୍ତୋଲ, ୯।୧୨(ସମିସ) :** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ପିପ୍ପଳମାଧବ ପଞ୍ଚାୟତ ଦିଘି ପଡିଆଠାରେ ସେବା ଅନୁଷ୍ଠାନ 'ମୁଖେ ଫୁଟାଇବା ହସ' ତିର୍ତ୍ତୋଲ ଆନୁକୁଲ୍ୟରେ ସମ୍ବିଧାନ ପ୍ରଣେତା ଡ. ଭୀମରାଓ ଆମ୍ବେଦକରଙ୍କ ମହାପ୍ରୟାଣ ଦିବସ ସମାରୋହ ପାଳିତ ହୋଇଯାଇଛି। ଶିକ୍ଷକ ଧର୍ମାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅନୁଷ୍ଠାନର ସଭ୍ୟା ସଞ୍ଜୁବାଳା ଲେଙ୍କା, ବୈଜୟନ୍ତୀ ମହାନ୍ତି, ପ୍ରିୟଦର୍ଶିନୀ ସ୍ୱାଇଁ, ହେମଲତା ନାୟକ, ଅଞ୍ଜୁଳା ଲେଙ୍କା, ଅଞ୍ଜଳୀ ସ୍ୱାଇଁ, ପ୍ରତିମା ମହାନ୍ତି, ମଞ୍ଜୁଳା ଆଚାର୍ଯ୍ୟ, ସଭ୍ୟ ଶିକ୍ଷକ ମୁରଲୀଧର ସୂତାର, ପୀତବାସ ଜେନା, ଚିନ୍ମୟ ପ୍ରଧାନ, ପ୍ରିୟବ୍ରତ ବେହେରା, ସୁଶାନ୍ତ ବେହେରା, ତରଣୀସେନ ନାୟକ, ସମାଜସେବୀ କ୍ଷୀରୋଦ ମହାନ୍ତି ଯୋଗଦେଇ ସମ୍ବିଧାନ ପ୍ରଣେତା ଡ.ବିଆର ଆମ୍ବେଦକରଙ୍କ ସଂଘର୍ଷ ଓ ଜୀବନୀ ଦର୍ଶନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ୩୦ରୁ ଉର୍ଦ୍ଧ ଅସହାୟ ବୃଦ୍ଧ ବୃଦ୍ଧାଙ୍କୁ କମ୍ବଳ ଓ ଅଙ୍ଗବସ୍ତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷକ ଅଚ୍ୟୁତାନନ୍ଦ ଦାସ, ନିକୁଞ୍ଜ ମହାନ୍ତି, ଦେବେନ୍ଦ୍ର ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ଦିପ୍ତିମୟୀ ଧନ୍ୟବାଦ ଦେଇଥିଲେ।

### ବିଷ୍ଣୁଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି ତେଜିଲା

# ଜିଲ୍ଲା ଦଳିତ ବିକାଶ ପରିଷଦର ଅନଶନ ଧମକ

**ଜଗତସିଂହପୁର, ୯।୧୨(ସମିସ)**



- ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଜାଗା ଦେଖିଲେ ପୌର ନିର୍ବାହୀ ଅଧିକାରୀ
- ଭିନ୍ନ ଭିନ୍ନ ଦାବି ଉଠିବା ପରେ ଅଡୁଆରେ ପ୍ରଶାସନ

ଜିଲ୍ଲା ଗଠନର ଅନ୍ୟତମ ବିନ୍ଧାଣି ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ବିଷ୍ଣୁଦାସଙ୍କ ପ୍ରତିମୂର୍ତ୍ତୀ ସ୍ଥାପନ ନେଇ ଦାବି ତେଜିବାରେ ଲାଗିଛି। ଜଗତ୍‌ସିଂହପୁର ସହରରେ ସ୍ୱର୍ଗତ ଦାସଙ୍କ ପ୍ରତିମୂର୍ତ୍ତୀ ସ୍ଥାପନରେ ବିଳମ୍ବକୁ ନେଇ ଜିଲ୍ଲା ଦଳିତ ବିକାଶ ପରିଷଦ ପକ୍ଷରୁ ଅସନ୍ତୋଷ ପ୍ରକାଶ କରାଯିବା ସହିତ ଏଥିପାଇଁ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ପୌର ପ୍ରଶାସନକୁ ଲିଖିତ ଅଭିଯୋଗ କରିବାପରେ ପ୍ରଶାସନ ପକ୍ଷରୁ ସାମାନ୍ୟ ତତ୍ପରତା ପ୍ରକାଶ ପାଇଛି। ଜିଲା୍‌ଲପାଳଙ୍କ ନିର୍ଦ୍ଦେଶରେ ପୌର ନିର୍ବାହୀ ଅଧିକାରୀ ନିଜେ ପ୍ରତିମୂର୍ତ୍ତୀ ସ୍ଥାପନ ପାଇଁ ଜାଗା ଦେଖିବା ସହିତ ଏଥିପାଇଁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ସୂଚନା ଅନୁସାରେ , ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ନିର୍ବାଚନ ଜିତିବାପରେ ନିଜ ରାଜନୈତିକ ଗୁରୁ ସ୍ୱର୍ଗତ ବିଷ୍ଣୁ ଦାସଙ୍କ ପ୍ରତିମୂର୍ତ୍ତୀ ସହରରେ ସ୍ଥାପନ ପାଇଁ ଜିଲ୍ଲାପାଳଙ୍କୁ ଚଳିତ ବର୍ଷ ଜୁନ ୨୦ ତାରିଖରେ ଚିଠି ଲେଖିଥିଲେ। ତେବେ ବିଧାୟକଙ୍କ ଏହି ଚିଠି ଦୀର୍ଘ ୫ ମାସ ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଶୀତଳ ଭଣ୍ଡାରରେ ପଡି ରହିଥିଲା। ତେବେ ଚଳିତ ମାସ ୬ ତାରିଖରେ ଏହି ଚିଠିକୁ ଜିଲ୍ଲାପାଳ ଜଗତ୍‌ସିଂହପୁର ପୌରନିର୍ବହୀ ଅଧିକାରୀଙ୍କୁ ପ୍ରଦାନ କରିବା ସହିତ ପ୍ରତିମୂର୍ତ୍ତୀ ସ୍ଥାପନ ପାଇଁ ବିହିତ କାର୍ଯାନୁଷ୍ଠାନ ଗ୍ରହଣ କରିବାକୁ ଲେଖିଥିଲେ।

ଅନ୍ୟପକ୍ଷରେ ସୋମବାର ଅପରାହ୍ନରେ ଦଳିତ ବିକାଶ ପରିଷଦ ସଭାପତି ଶଙ୍କର ଦାସ ବିଷ୍ଣୁ ଦାସଙ୍କ ପ୍ରତିମୂର୍ତ୍ତୀ ସ୍ଥାପନ ପାଇଁ ଦାବି କରି ପୌର ନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ଦେବା ସହିତ ଏହା କରା ନଗଲେ ଆସନ୍ତା ୧୮ ତାରିଖରେ ପୌର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଜଣାଇଥିଲେ। ଏହାକୁ ନେଇ ପୌର ପ୍ରଶାସନ ପକ୍ଷରୁ ଆଜି ତତ୍ପରତା ପ୍ରକାଶ ପାଇଥିଲା। ପୌର କାର୍ଯ୍ୟାଳୟ ନିକଟ ବିଜୁବାବୁଙ୍କ ପ୍ରତିମୂର୍ତ୍ତୀ ନିକଟରେ ବିଷ୍ଣୁଦାସଙ୍କ ପ୍ରତିମୂର୍ତ୍ତୀ ସ୍ଥାପନ କରିବାକୁ ପରିଷଦର ସଭାପତି ଶ୍ରୀ ଦାସ ଦାବି କରିବା ପରେ ନିଜେ ପୌର ନିର୍ବାହୀ ଅଧିକାରୀ ସୀମା ଜେନା ଉକ୍ତ ସ୍ଥାନକୁ ବୁଲି ଦେଖିଥିଲେ। ମାତ୍ର ଏହି ସ୍ଥାନଟି ଜଳ ସମ୍ପଦ ବିଭାଗର ଅଧୀନରେ ଥିବାରୁ ଉକ୍ତ ବିଭାଗର ଅନୁମତି ପାଇଁ ଚିଠି କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ କହିଛନ୍ତି। ୧୮ ତାରିଖ ମଧ୍ୟରେ ଜମି ଚିହ୍ନଟ ନହେଲେ ବାଧ୍ୟ ହୋଇ ପୌର କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରାଯିବ ବୋଲି ଦଳିତ ନେତା ତଥା ପରିଷଦର ସଭାପତି ଶ୍ରୀ ଦାସ କହିଛନ୍ତି। ଅନ୍ୟପକ୍ଷରେ କିଛି ଦଳିତ ନେତା ଓ ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଥିବା ରାସ୍ତା ସମ୍ମୁଖ 'ଆଇ ଲଭ ୟୁ ଜଗତସିଂହପୁର' ନିକଟରେ ଏହି ପ୍ରତିମୂର୍ତ୍ତୀ ସ୍ଥାପନ ନେଇ ଦାବି କରାଯାଇଛି। ସେହିପରି ବାରଙ୍ଗ ଗ୍ରାମବାସୀଙ୍କ ପକ୍ଷରୁ ମଧ୍ୟ ବାରଙ୍ଗଠାରେ ବିଷ୍ଣୁ ଦାସଙ୍କ ପ୍ରତିମୂର୍ତ୍ତୀ ସ୍ଥାପନ ପାଇଁ ଗତକାଲି ଦାବି କରାଯାଇଥିବା ସୂଚନା ମିଳିଛି। ପ୍ରତିମୂର୍ତ୍ତୀ ସ୍ଥାପନ ସ୍ଥଳକୁ ନେଇ ଭିନ୍ନ ଭିନ୍ନ ଦାବି ଉଠିବାପରେ ଏହାକୁ ନେଇ ପ୍ରଶାସନ ଏବେ ହରଡ଼ଘଣାରେ ପଡିଥିବା ସୂଚନା ମିଳିଛି।

